ଆଜି - ରବିବାର
ତାରିଖ - ୧୭ ନଭେମ୍ବର ୨୦୨୪
ମାସ - ବିଛା, ଦିନ - ୦୨
ତିଥି - ଦ୍ୱିତୀୟା , ପକ୍ଷ - କୃଷ୍ଣ
ନକ୍ଷତ୍ର - ରୋହିଣୀ, ବୃଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୬:୦୧:୦୦
ସୂର୍ଯ୍ୟାସ୍ତ - ୫:୦୩:୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

" କୌଣସି ଜୀବଜନ୍ତୁ ବା ଜୀବନ୍ତ ପ୍ରାଣୀଙ୍କୁ କେବେହେଲେ ଅପମାନିତ, ନିର୍ଯାତିତ, କ୍ଷତାକ୍ତ କରନାହିଁ କି ଗାଳିମନ୍ଦ ଦିଅନାହିଁ ବା ହତ୍ୟା କରନାହିଁ " ॥

- ମହାବୀର

E-News : www.theajikali.com

Vol.- 39 ISSUE- 213 R.N.I. REGD. No. 44026/86 ବାଲେଶ୍ୱର ୧୭ ନଭେମ୍ବର ୨୦୨୪ ରବିବାର BALASORE 17 NOVEMBER 2024 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

## ନୂଆଦିଲ୍ଲୀରେ ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମ୍ମିଳନୀ-୨୦୨୪କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ନୂଆଦିଲ୍ଲୀଠାରେ ହିନ୍ଦୁସ୍ତାନ ଟାଇମ୍ସଲିଡରସିପ ଶିଖର ସମ୍ମିଳନୀ ୨୦୨୪କୁ ସମ୍ବୋଧିତ କରିଛନ୍ତି । ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ହିନ୍ଦୁସ୍ତାନ ଟାଇମ୍ସକୁ ମହାତ୍ମାଗାନ୍ଧୀ ୧୦୦ ବର୍ଷ ପୂର୍ବେ ଉଦଘାଟନ କରିଥିଲେ ଏବଂ ହିନ୍ଦୁସ୍ତାନ ଟାଇମ୍ସ (ଏଚ୍ଟି)ର ୧୦୦ ବର୍ଷର ଐତିହାସିକ ଯାତ୍ରା ଏବଂ ଏହାର ଉଦଘାଟନ ପରଠାରୁ ଏହା ସହ ଜଡ଼ିତ ଥିବା ସମସ୍ତ ଲୋକଙ୍କୁ ଅଭିନନ୍ଦନ ଜଣାଇଥିଲେ । ଭବିଷ୍ୟତର କାର୍ଯ୍ୟ ପନ୍ଥା ପାଇଁ ସେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କାର୍ଯ୍ୟକ୍ରମ ସ୍ଥଳରେ ଏଚ୍ଟିର ପ୍ରଦର୍ଶନୀ ପରିଦର୍ଶନ କରିବା ପରେ ଶ୍ରୀ ମୋଦୀ କହିଥିଲେ ଯେ ଏହା ଏକ ଅନନ୍ୟ ଅନୁଭୂତି ଏବଂ ଏହା ପରିଦର୍ଶନ କରିବାକୁ ସମସ୍ତ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ । ସେ ଆହୁରି ମଧ କହିଛନ୍ତି ଯେ ସେ ସେହି ସମୟର ପୁରୁଣା ଖବରକାଗଜ ଦେଖିଛନ୍ତି ଯେତେବେଳେ ଭାରତ ସ୍ୱାଧୀନ ହୋଇଥିଲା ଏବଂ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ମାର୍ଟିନଲୁଥରକିଙ୍ଗ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ, ଅଟଳବିହାରୀ ବାଜପେୟୀ, ନାଗରିକଙ୍କ ପରି କାଶ୍ମୀରକୁ ଭାରତରେ ମିଶ୍ରଣ କରିବା ଖବର ଯେତେବେଳେ ଆଉ ଏକ ଖବରକାଗଜରେ ଛପାଯାଇଥିବା ଖବର ଅତ୍ୟନ୍ତ ସ୍ୱତନ୍ତ୍ର




ଡକ୍ଟରଏମ୍, ଏସ୍.ସ୍ୱାମୀନାଥନଙ୍କ ଭଳି ଅନେକ ବିଶିଷ୍ଟ ବ୍ୟକ୍ତି ହିନ୍ଦୁସ୍ତାନ ଟାଇମ୍ସ ପାଇଁ ନିବନ୍ଧ ଲେଖିଥିଲେ ବୋଲି ଶ୍ରୀ ମୋଦୀ ସ୍ୱୀକାର କରିଥିଲେ । ସ୍ୱାଧୀନତା ସଂଗ୍ରାମର ସାକ୍ଷୀ ହେବାସହ ସ୍ୱାଧୀନତା ପରବର୍ତୀ ସମୟରେ ଆଶା ନେଇ ଆଗକୁ ବଢୁଥିବା ଏହି ଲମ୍ବାଯାତ୍ରା ଅଭୂତପୂର୍ବ ଓ ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅକ୍ଟୋବର ୧୯୪୭ରେ ଅନ୍ୟ ପଢ଼ି ସେ ସମାନ ଉତ୍ସାହ ଅନୁଭବ କରିଥିଲେ । ତେବେ ସେ ହିମୁହୂର୍ତରେ ସେ ଏହା ମଧ ଅନୁଭବ କରିଥିଲେ ଯେ କିପରି ଅନିଶ୍ଚିତତା କାଶ୍ମୀରକୁ ସାତଦଶନ୍ଧି ଧରି ହିଂସାରେ ଫସାଇ ରଖିଛି । ଶ୍ରୀ ମୋଦୀ କହିଛନ୍ତି, କିନ୍ତୁ ଖୁସିର ବିଷୟ ଯେ ଆଜିକାଲି ଜାମ୍ମୁ-କାଶ୍ମୀର ନିର୍ବାଚନରେ ରେକର୍ଡ ମତଦାନ ରଖବ ର ଖବରକାଗଜରେ ପ୍ରକାଶିତ ହେଉଛି । ଶ୍ରୀ ମୋଦୀ କହିଛନ୍ତି ଲାଗିଥିଲା, ଯେଉଁଥିରେ ଏହାର ଗୋଟିଏ ପାର୍ଶ୍ୱରେ ଆସାମକୁ ଅଶାନ୍ତ ଅଂଚଳ ଘୋଷଣା କରାଯାଇଥିବା ଖବର ଆସିଥିବାବେଳେ ଅନ୍ୟପଟେ ଅଟଳଜୀ ଭାରତୀୟ ଜନତାପାର୍ଟିରେ ଭିତିପ୍ରସ୍ତର ସ୍ଥାପନ କରିଥିବା ଖବର ଆସିଥିଲା । ସେ ଆହୁରି ମଧ କହିଛନ୍ତି ଯେ ଏହା ଏତେ ସୁଖଦ ସଂଯୋଗ ଯେ ଆଜି ବିଜେପି ଆସାମରେ ସ୍ଥାୟୀ ଶାନ୍ତି ଆଣିବାରେ ଏକବଡ଼ ଭୂମିକା ଗ୍ରହଣ କରୁଛି ।

## ସମ୍ବଲପୁର ଓ କଟକରେ ହେବ 'ରିଭର ଭ୍ୟୁ ଫ୍ରଂଟ' : ମୁଖ୍ୟମନ୍ତ୍ରୀ

କଟକ: ଓଡ଼ିଶାର ଜୀବନଧାରା ମହାନଦୀର ବଦଳିବ ଚିତ୍ର । ଗୁଜରାଟର ସାବରମତୀଠାରୁ ସୁନ୍ଦରୀ ହେବ ମହାନଦୀ । ଯୋଜନାର ରୂପରେଖ ସରିଛି । କେବଳ ଏହାର ପୂର୍ଣ୍ଣତା ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ସମ୍ବଲପୁର ଓ କଟକରେ ହେବ 'ରିଭର ଭ୍ୟୁ ଫ୍ରଂଟ' ବା 'ମହାନଦୀ ବିହାର' । ଏଥିଲାଗି ୫୦ କୋଟି ଟଙ୍କାର ବ୍ୟୟବରାଦ ପାଇଁ ଯୋଜନା ରହିଥିଲା । ମାତ୍ର ଏଥିଲାଗି ୨୦୦ କୋଟି ଟଙ୍କା ପ୍ରଦାନ କରାଯିବ । ଆବଶ୍ୟକ ସ୍ଥଳେ ଆହୁରି ଅଧିକ ଖର୍ଚ୍ଚ କରାଯିବ ବୋଲି ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏଥିସହ ଐତିହାସିକ ବାଲିଯାତ୍ରାକୁ ଜାତୀୟ ନୁହେଁଙ୍ଗ ଆନ୍ତର୍ଜାତିକ ମାନ୍ୟତା ପ୍ରଦାନ କରାଯିବ । ଏଥିପାଇଁ ପ୍ରୟାସ ଆରମ୍ଭ ହୋଇଛିଙ୍ଗ ତେବେ କେବଳ ସରକାର ନୁହେଁ ସମସ୍ତଙ୍କ ଉଦ୍ୟମ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶାରେ ନୌବାଣିଜ୍ୟକୁ ସୁଦୃଢ଼ କରିବା ପାଇଁ ପାରାଦ୍ୱୀପ ବନ୍ଦରର ବିକାଶ କରାଯିବା ସହ ଦୈତନଗରୀକୁ ଯୋଡ଼ିବା ଲାଗି କାର୍ଯ୍ୟ ଆରମ୍ଭ ହୋଇଥିବା ସେ କହିଛନ୍ତି । ବାଲିଯାତ୍ରାର ସ୍ମୃତି ପ୍ରଖ୍ୟାଳନ କରି ମୁଖ୍ୟମନ୍ତ୍ରୀ କହିଥିଲେ, କଟକରେ ମହାନଦୀର ସୂର୍ଯ୍ୟାସ୍ତ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ । ଏପରିକି ମହାନଦୀ କୂଳରେ ପାଚୀନ କାଳରୁ ଚାଲି ଆସୁଥିବା ବାଲିଯାତ୍ରା ସଂସ୍କୃତି



ଏହି ଗଡ଼ଗଡ଼ିଆ ଘାଟରୁ ସାଧବମାନେ ବଣିଜ ପାଇଁ ବିଦେଶକୁ ଯାଉଥିଲେଙ୍ଗ ଯାହା କଟକର ଐତିହ୍ୟକୁ ଗରିମା ମଣ୍ଡିତ କରିଥାଏ । ଐତିହାସିକ କଟକ ବାଲିଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ମହାନଦୀ ବେଳାଭୂମିରେ ଉଦ୍‌ଘାଟିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଏହି ବୃହତମ ସାଂସ୍କୃତିକ ଓ ବାଣିଜ୍ୟିକ ମେଳାକୁ ଉଦ୍‌ଘାଟନ କରି କହିଲେ, ଭାରତର ସର୍ବପୁରାତନ ସହର ମଧରୁ କଟକ ଅନ୍ୟତମ । ବିଶ୍ୱରେ ତାରକସି କାରୁକାର୍ଯ୍ୟ ଲାଗି କଟକର ସ୍ୱତନ୍ତ୍ର ପରିଚୟ ରହିଛି । ମହାନଦୀ ଓ କାଠଯୋଡ଼ି ବିନା ଏହି ସହରର ପରିକଳ୍ପନା କରାଯାଇ ନପାରେ । ଓ ବାଣିଜ୍ୟର ଏକ ଅପୂର୍ବ ସମାହାର । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମ୍ୟକ୍ ସମାଲୋଚନା କରିଥିଲେ । ଆଜି ବି ଓଡ଼ିଶା ବହୁ ପଛରେ ଓ ଅବହେଳିତ ରହିଛି । ପୂର୍ବରୁ ରାଜ୍ୟରେ କିଏ ଦୁଇ ଥର ତ' କିଏ ୫ଥର ନେତୃତ୍ୱ ନେଇଛନ୍ତି । ଅନେକ ଯୋଜନା କରିଛନ୍ତିଙ୍ଗ ମାତ୍ର ଓଡ଼ିଶାର କିମ୍ବା କଟକ ବାଲିଯାତ୍ରାର ଆଖିଦୃଶିଆ ବିକାଶ ହୋଇପାରି ନାହିଁ । ନୂଆ ସରକାର ଆଧୁନିକ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ । ବାଲିଯାତ୍ରା ପଡ଼ିଆରୁ ନୂଆ ଓଡ଼ିଶାର ଯାତ୍ରା ଆରମ୍ଭ ହୋଇଥିବା ସେ କହିଥିଲେ । ପ୍ରଥମ ଥର ପାଇଁ ଚଳିତ ବର୍ଷ ବାଲିଯାତ୍ରାରେ ୧୪ ରାଷ୍ଟ୍ରର ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟତମ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ, ନେତା, ପ୍ରଶାସକ, ଅନ୍ତର୍ଜାତୀୟ ଅତିଥି ଏଥର ବାଲିଯାତ୍ରା ମଂଚରେ ଏକାଠି ହୋଇଛନ୍ତି । କଟକ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଏ ସରକାରକୁ କହିବା ଦରକାର ନାହିଁ, ଜନସାଧାରଣ ଯାହା ଭାବିବେ ତାହା ଏ ସରକାର କରିବ । କଟକ ସାଂସଦ ଭର୍ତୃହରି ମହତାବ କହିଲେ, ମହାନଦୀ ବନ୍ଧ ତଳେ ଇତିହାସ ରହିଛି । କଟକର ମହାନଦୀରେ ହିଁ ସବୁଠାରୁ ସୁନ୍ଦର ସର୍ଯ୍ୟାସ୍ତ ଦେଖିବାକୁ ମିଳିଥାଏ, ଯାହା ରାଜ୍ୟର ଅନ୍ୟ କୌଣସିଠାରେ ନଥାଏ । ବାଲିଯାତ୍ରା କହିଲେ କେବଳ କଟକ ବାଲିଯାତ୍ରା । କଟକକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ଏବଂ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ୟୁନିସ୍କୋ ଦ୍ୱାରା ମଳିବା ଦରକାର । ଏବେ ବୈଦେଶିକ ସମ୍ପର୍କ ଦ୍ୱାରା ବାଣିଜ୍ୟିକ କାରବାର ବୃଦ୍ଧି କରିବାର ସମୟ ଆସିଛି ବୋଲି ସେ ମତପ୍ରକାଶ କରିଥିଲେ । ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ କହିଲେ, ପ୍ରାଚୀନ ଓଡ଼ିଶାକୁ ବିଭବଶାଳୀ କରିବାରେ ସାଧବ ପୁଅଙ୍କ ପ୍ରମୁଖ ଭୂମିକା ରହିଥିଲା । ଓଡ଼ିଶାର ଇତିହାସ ସମ୍ଭ୍ରାନ୍ତ ।

## ଅଳ୍ପରେ ଖବର

▸▸ ଡେବ୍ରିଗଡ଼ ଅଭୟାରଣ୍ୟରେ ଅଛନ୍ତି ୬୫୯ଟି ଗୟଳ । ୬୫୯ଟିରୁ ୨୧୦ଟି ଗୟଳ କମ୍ ବୟସର ହୋଇଥିବା ସୂଚନା ମିଳିଛି । ଏନେଇ ସୂଚନା ଦେଇଛନ୍ତି ହୀରାକୁଦ ୱାଇଲ୍ଡ ଲାଇଫ୍ ଡିଏଫ୍ଓ ।

▸▸ ପସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

▸▸ ଜାତୀୟ ପ୍ରେସ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ପ୍ରେସ ଦିବସ ଅବସରରେ ଅନେକ ଚ୍ୟାଲେଂଜ ସତ୍ତ୍ୱେ ସତ୍ୟକୁ ବାହାରକୁ ଆଣିବାକୁ ଉତ୍ସର୍ଗୀକୃତ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କୁ ଆମେ ସାଲ୍ୟୁଟ କରୁଛୁ ।

▸▸ ଜାତୀୟ ପ୍ରେସ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

## ଜାତୀୟ ଗଣମାଧ୍ୟମ ଦିବସ ୨୦୨୪କୁ ସମ୍ବୋଧିତ କଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ : ଜାତୀୟ ଗଣମାଧ୍ୟମ ଦିବସ ୨୦୨୪ କୁ ପାଳନ କରିବା ପାଇଁ ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ ଜାତୀୟ ପ୍ରେସ ଦିବସ ପାଳନ କରିଥିଲା । ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭାରତର ପ୍ରେସ କାଉନସିଲର ଚେୟାରମ୍ୟାନ୍ ଡକ୍ଟର ଏଲ୍ । ମୁରୁଗାନ୍, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଏସ୍ । ଜଷ୍ଟିସ୍ ରଂଜନ ପ୍ରକାଶ ଦେଶାଇ ଏବଂ ଭେଟେରାନ୍ ସାମ୍ବାଦିକ ଶ୍ରୀ କୁନ୍ଦନ ରମଣଲାଲ ଭାୟସ୍ ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ ଗଣମାଧ୍ୟମ ଦିବସ ସମାରୋହରେ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବରେ ଯୋଗଦେବାକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଭାରତର ଜୀବନ୍ତ ତଥା ବିବିଧ ମିଡିଆ ଇକୋସିଷ୍ଟମକୁ ଆଲୋକିତ କରିଛନ୍ତି, ଯେଉଁଥିରେ ୩୫,୦୦୦ ପଞ୍ଜୀକୃତ ଖବରକାଗଜ, ବହୁ ନ୍ୟୁଜ୍ ଚ୍ୟାନେଲ ଏବଂ ଏକ ଦୃଢ଼ ଡିଜିଟାଲ୍ ରହିଛି । ଭିତିଭୂମି ମନ୍ତ୍ରୀ



ଉଲ୍ଲେଖ କରିଛନ୍ତି ଯେ ୪ଏ ଏବଂ ୫ଏ ନେଟୱାର୍କରେ ବିନିଯୋଗ ଭାରତକୁ ସର୍ବନିମ୍ନ ଡାଟା ମୂଲ୍ୟ ସହିତ ଡିଜିଟାଲ ସଂଯୋଗର ଅଗ୍ରଭାଗକୁ ଆଗେଇ ନେଇଛି । ତେବେ ଗଣମାଧ୍ୟମ ଏବଂ ପ୍ରେସର ଦୃଶ୍ୟପଟ୍ଟ ପରିବର୍ତନ ହେତୁ ଆମ ସମାଜ ସମ୍ମୁଖୀନ ହେଉଥିବା ଚାରୋଟି ପ୍ରମୁଖ ଆହ୍ୱାନକୁ ସେ ଦର୍ଶାଇଛନ୍ତି: ନକଲି ସମ୍ବାଦ ଏବଂ ଭୁଲ ତଥ୍ୟ । ମିଥ୍ୟା ଖବରର ପ୍ରସାର ଗଣମାଧ୍ୟମ ଉପରେ ବିଶ୍ୱାସକୁ ଦୁର୍ବଳ କରିଦିଏ ଏବଂ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରେ । ତାଙ୍କ ଠିକଣା ସମୟରେ ଶ । ଡିଜିଟାଲ୍ ମିଡିଆର ଦ୍ରୁତ ଅଭିବୃଦ୍ଧି ଏବଂ ଏହି ପ୍ଲାଟଫର୍ମରେ ପ୍ରକାଶିତ ବିଷୟବସ୍ତୁ ପାଇଁ ଦାୟିତ୍ ଇସ୍ୱଷ ଉପରେ ଅଶ୍ୱିନୀ ବୈଷ୍ଣବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲେ । ୧୯୯୦ ଦଶକରେ ବିକଶିତ ହୋଇଥିବା ନିରାପଦ ହାରବର୍ ର ଧାରଣା ଯେତେବେଳେ ଡିଜିଟାଲ୍ ମିଡିଆର ଉପଲବ୍ଧତା ବିଶ୍ୱବିଦ୍ୟାଳୟ ଏବଂ ଅନୁସନ୍ଧାନ ପ୍ରତିଷ୍ଠାନରେ ଉପଭୋକ୍ତା ଚୟନ କରିବାରେ ସୀମିତ ଥିଲା, ଉପଭୋକ୍ତାମାନଙ୍କୁ ଉତ୍ପାଦିତ ବିଷୟବସ୍ତୁ ପାଇଁ ଉତରଦାୟୀ ନହେବା ପ୍ଲାଟଫର୍ମଗୁଡିକୁ ପ୍ରତିରୋଧକ ଶକ୍ତି ପ୍ରଦାନ କରିଥିଲା । ଭୁଲ ତଥ୍ୟ, ଦଙ୍ଗା, ଏପରିକି ଆତଙ୍କବାଦ କାର୍ଯ୍ୟକଳାପକୁ ବିସ୍ତାର କରିବାରେ ସେମାନଙ୍କର ଭୂମିକାକୁ ଦୃଷ୍ଟିରେ ରଖି ସେଫ୍ ହାରବର୍ ବ୍ୟବସ୍ଥା ଏପର୍ଯ୍ୟନ୍ତ ଉପଯୁକ୍ତ କି ନୁହେଁ ତାହା ଉପରେ ବିତର୍କ ଜୋରଦାର ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । "ଏକ ଜଟିଳ ପ୍ରସଙ୍ଗରେ କାର୍ଯ୍ୟ କରୁଥିବା ପ୍ଲାଟଫର୍ମଗୁଡିକ ଯେପରି ଭାରତ ଏକ ଭିନ୍ନ ଦାୟତ୍ୱ ଗ୍ରହଣ କରେ ନାହିଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡିକ ଏକ ନୂତନ ଢ଼ାଂଚାର ଆବଶ୍ୟକତାକୁ ସୂଚିତ କରେ ଯାହା ଉତରଦାୟିତ୍ୱକୁ ସୁନିଶ୍ଚିତ କରେ ଏବଂ ଦେଶର ସାମାଜିକ କପଡାକୁ ସୁରକ୍ଷିତ ରଖେ । "

## ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହ

## ଦାୟିତ୍ୱ ବିନା ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ : ଏଡିଜି ପିଆଇବି




ଭୁବନେଶ୍ୱର : ମଣିଷ ଜୀବନରେ ସ୍ୱାଧୀନତାର ବିଶେଷ ଗୁରୁତ୍ୱ ରହିଛି । ସ୍ୱାଧୀନତାର ସହ ବଂଚିଲେ ମଣିଷ ଜୀବନର ପ୍ରକୃତ ଆନନ୍ଦ ଲାଭ କରିପାରିବ । ତେବେ ଦାୟିତ୍ୱ ବିନା ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ । ନିରଙ୍କୁଶ ସ୍ୱାଧୀନତା ଭିତରେ ବି ଦାୟିତ୍ୱବୋଧ ଥାଏ । ଅନୁରୂପ ଭାବେ ଗଣମାଧ୍ୟମ ପାଇଁ ସ୍ୱାଧୀନତା ଯେତିକି ଜରୁରୀ, ଦାୟିତ୍ୱବୋଧତା ମଧ ସମପରିମାଣରେ ଆବଶ୍ୟକ । ଆଜି ଏହା କହିଛନ୍ତି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର । ଭୁବନେଶ୍ୱର ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ମିଶ୍ର କହିଛନ୍ତି, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ ସ୍ୱାଧୀନତାର ଜରୁରୀ ଆବଶ୍ୟକତା ଉପରେ ଦାର୍ଶନିକମାନେ ଆଲୋକପାତ କରିଛନ୍ତି । 'ଗଣମାଧମର ପରିବର୍ତନଶୀଳ ସ୍ୱରୂପ' ଶୀର୍ଷକ ବିଷୟବସ୍ତୁ ଉପରେ ଅଭିଭାଷଣ ରଖି ସେ କହିଛନ୍ତି, ଗଣମାଧମ ପାଇଁ ମଧ ସ୍ୱାଧୀନତା ଜରୁରୀ । ତେବେ ଗଣମାଧମ ସରକାରଙ୍କ ସହ ରହିବା ଦରକାର ବୋଲି ସେ ନିବେଦନ କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି, ସରକାର ହେଉଛନ୍ତି ଜନସାଧାରଣଙ୍କ ଆଶା ଓ ଭରସାର ପ୍ରତୀକ । ତେଣୁ ଗଣମାଧମ ସରକାରଙ୍କ ସହ ରହି ମଧ ପରିବର୍ତନର ବାହକ ହେବା ଆବଶ୍ୟକ । ▸▸ପୃଷ୍ଠା-୭ ରେ

## ଏସ.ସି.ବି.ରେ ପ୍ରଥମଥର ପାଇଁ ହେବ ହୃତପିଣ୍ଡ ପ୍ରତିରୋପଣ

### ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମହାଲିଙ୍ଗ

ଭୁବନେଶ୍ୱର : ଓଡ଼ିଶାବାସୀଙ୍କୁ ଉନ୍ନତ ଏବଂ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏସ.ସି.ବି ମେଡ଼ିକାଲ କଲେଜ ଓ ହସ୍ପିଟାଲ, କଟକରେ ହୃତପିଣ୍ଡ ପ୍ରତିରୋପଣ ପାଇଁ ପ୍ରଥମ ରୋଗୀଙ୍କ



ସ୍କ୍ରିନିଂ ପ୍ରକ୍ରିୟା ଚାଲୁଅଛି । ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଆଜି ଏସ.ସି.ବି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନରେ ଯାଇ ହୃତପିଣ୍ଡ ପ୍ରତିରୋପଣ ହେବାକୁ ଥିବା ପ୍ରଥମ ରୋଗୀଙ୍କ ସହ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଚିକିତ୍ସକମାନଙ୍କ ସହ ଏ ସମ୍ପର୍କରେ ବିଷଦ ଆଲୋଚନା କରିଛନ୍ତି । ଏହା ସହ ହୃତପିଣ୍ଡ ପ୍ରତିରୋପଣର ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ଗୁଜରାଟରେ ଭୂକମ୍ପ ଝଟକା, ରିକ୍ଟର ସ୍କେଲରେ ତୀବ୍ରତା ୪.୨

ଅହମ୍ମଦାବାଦ: ଗୁଜରାଟର ମେହସାଣା ଜିଲ୍ଲାରେ ଭୂମିକମ୍ପର ଝଟ୍କା । ଗତକାଲି ବିଳମ୍ବିତ ରାତିରେ ମେହସାଣାର ବାନସକାଣ୍ଠାରେ ଭୂକମ୍ପ ହୋଇଥିବା ନେଇ ସୂଚନା ମିଳିଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୨ ଥିବା ଜଣାପଡିଛି । ଭୂକମ୍ପର କେନ୍ଦ୍ରସ୍ଥଳ ମେହସାଣାର ଆଖପାଖ ଅଂଚଳରେ ବୋଲି କୁହାଯାଉଛି । ଗତକାଲି ବିଳମ୍ବିତ ଅନୁଭବ କରିବାରୁ ଭୟରେ ଲୋକମାନେ ଘରୁ ବାହାରକୁ ଚାଲି ଆସିଥିଲେ । ଏପରିକି ଭୟରେ କିଛି ଲୋକ ସାରା ରାତି ରାସ୍ତାରେ କଟିଥିବା ନେଇ ଜଣାପଡିଛି । ଭୂକମ୍ପ କାରଣରୁ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ । ସୂଚନାଯୋଗ୍ୟ, ଗୁଜୁରାଟର ଏହି ଅଂଚଳରେ ବେଳେବେଳେ ହାଲୁକା ଭୂକମ୍ପ କମ୍ପନ ଅନୁଭୂତ ହୁଏ । କିନ୍ତୁ ଦୀର୍ଘ ଅନେକ



ରାତିରେ ଏହି ଭୂକମ୍ପ ହୋଇଥିବା ନେଇ ସୂଚନା ମିଳିଛି । କମ୍ପନ ଦିନ ପରେ ୪.୨ ତୀବ୍ରତାର କମ୍ପନ ଅନୁଭୂତ ହୋଇଛି ।

## ଦୁଗ୍ଧ ଚାଷୀଙ୍କୁ ମିଳିବ ପ୍ରୋତ୍ସାହନ ରାଶି : ପ୍ରାଣୀ ସମ୍ପଦ ମନ୍ତ୍ରୀ





ଭୁବନେଶ୍ୱର: ଖୁବ୍‌ଶୀଘ୍ର ଓଡ଼ିଶାର ଦୁଗ୍ଧ ଚାଷୀଙ୍କ ପାଇଁ ଡିବିଟି ଲାଗୁ କରାଯିବ । ଅନ୍ୟ ରାଜ୍ୟ ଭଳି ଏଣିକି ଓଡ଼ିଶାର ଦୁଗ୍ଧ ଚାଷୀଙ୍କ ଆକାଉଂଟକୁ ଯିବ ପ୍ରୋତ୍ସାହନ ରାଶି ଟଙ୍କା । ପଂଚାୟତ କ୍ଷୀର ଧାରା କେନ୍ଦ୍ରରେ କ୍ଷୀର ଦେଲେ ସିଧାସଳଖ ଡିବିଟି ମାଧ୍ୟମରେ ଦୁଗ୍ଧ ଚାଷୀଙ୍କ ଆକାଉଂଟକୁ ଟଙ୍କା ଯିବ । ଏନେଇ ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ । ଏଥିସହିତ ଏଣିକି ବଜାରରେ ଓମଫେଡ୍ ଦୁଗ୍ଧ ସହିତ ବିକ୍ରି ହେବ ଓମଫେଡ୍ ଚକଲେଟ ଆଉ ଓ ଓମଫେଡର ପାଣି । ଏଥିସହିତ ରାଜ୍ୟରେ ଆଉ ୩ଟି ନୂଆ ଓମଫେଡ୍ ପ୍ଲାଂଟ ନିର୍ମାଣ କରାଯିବ । ଏନେଇ ମନ୍ତ୍ରୀ କହିଛନ୍ତି, ଗୋପାଳନର ବିକାଶ ତଥା ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ରାଜ୍ୟ ସରକାର ଓମଫେଡ୍‌ର ୩ଟି ନୂତନ ଦୁଗ୍ଧ ପ୍ଲାଂଟ ରାଜ୍ୟରେ ଖୋଲିବାକୁ ନିଷ୍ପତି ନେଇଛନ୍ତି । ସମ୍ବଲପୁର, ବ୍ରହ୍ମପୁର ଏବଂ ବାଲେଶ୍ୱରରେ ଏହି ନୂତନ ଡାଏରୀ ପ୍ଲାଂଟ ଖୋଲାଯିବ । ଓମଫେଡ୍‌ରେ ଗୁଣବତା ଏବଂ ଦୁଗ୍ଧ ପରିମାଣ ଉପରେ ନଜର ରଖିବା ପାଇଁ ସିସିଟିଭି କ୍ୟାମେରାର ମଧ ସହାୟତା ନିଆଯିବ । ଏହା ସହିତ ଖୁବଶୀଘ୍ର ଓମଫେଡ୍ ପାଣି ଏବଂ ଚକୋଲେଟ ବଜାରକୁ ଆସିବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ।

# ଜିଲ୍ଲାସ୍ତରୀୟ 'ଜାତୀୟ ପ୍ରେସ ଦିବସ- ୨୦୨୪' ଅନୁଷ୍ଠିତ




ବାଲେଶ୍ୱର(ନି.ପ୍ର.) ଶନିବାର ପୂର୍ବାହ୍ନ ଘ ୧୧.୩୦ମି ସମୟରେ ସଭାବନା ସଭାଗୃହଠାରେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ ଦତ, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲାପରିଷଦ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ପ୍ରେସ ଦିବସ-୨୦୨୪ ଅନୁଷ୍ଠିତ ହୋଇଯାଇଛି ଓ ଆୟୋଜିତ ଏହି କାର୍ଯ୍ୟକ୍ରମରେ "ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ" ଶୀର୍ଷକ ଉପରେ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ଦିବଙ୍ଗତ ସାମ୍ବାଦିକ ଓ ରାଜ୍ୟ ତଥା ଦେଶର ବିଭିନ୍ନ ଭାଗରେ ପ୍ରାଣ ହରାଇଥିବା କର୍ତବ୍ୟରତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମାନ୍ୟବର ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ କି ଗଣମାଧ୍ୟମ ହେଉଛି ସମାଜର ଦର୍ପଣ ଓ ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ? ଭାବେ ତୁଲାଇ ଜନସମାଜର ବିକାଶ ସହିତ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ମାନ୍ୟବର ବିଧାୟକ ଶ୍ରୀ ଦତ କହିଥିଲେ କି ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର । ଏଥି ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟ କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ । ବାତ୍ୟା ଦାନା ସମୟରେ ନିରବଚ୍ଛିନ୍ନ ଖବର ପ୍ରସାରଣ ଓ ସଠିକ ତଥ୍ୟ ଜନସାଧାରଙ୍କ ପାଖରେ ପହଂଚାଇବା ପାଇଁ ଆଗେଇ ଆସିଥିବା ଜିଲ୍ଲାର ସାମ୍ବାଦିକମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ ମାନ୍ୟବର ବିଧାୟକ ତାଙ୍କୁ ସାଧୁବାଦ ଜଣାଇଥିଲେ । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଥିବା ମାନ୍ୟବର ଅଧ୍ୟକ୍ଷ ଜିଲ୍ଲାପରିଷଦ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ । ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟକରି ପ୍ରଶାସନକୁ ନିଜ ଦାୟିତ୍ୱ ନିର୍ବାହ ଲାଗି ଯେଭଳି ସଚେତନ କରାଇଥାଏ ତାହାର ସେ ଉଚ୍ଚ ପ୍ରଶଂସା କରିଥିଲେ ।
ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇ ଉକ୍ତ ବର୍ଷର ବିଷୟବସ୍ତୁ 'ଗଣମାଧ୍ୟମର ପରିବର୍ତନଶୀଳ ସ୍ୱରୂପ' ବିଷୟରେ ଆଲୋଚନା କରି ସମ୍ପ୍ରତି ନୂତନ ଡିଜିଟାଲ୍/ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରିଥିଲେ । ଏହି ସମାରୋହରେ ମଂଚାସୀନ ଅତିଥିଙ୍କ ଦ୍ୱାରା ଫଟୋ ସାମ୍ବାଦିକ ଶ୍ରୀ ରମଣୀ ରଞ୍ଜନ ଦାସ (ପ୍ରମେୟ) ଏବଂ କ୍ୟାମେରାମ୍ୟାନ ଶ୍ରୀ ଭବାନୀ ଶଙ୍କର ବେହେରା (ନନ୍ଦିଘୋଷ ଟିଭି) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

# ବାଲେଶ୍ୱର ସାମ୍ବାଦିକ ୟୁନିଅନ ପକ୍ଷରୁ ଜାତୀୟ ପ୍ରେସ ଦିବସ




ବାଲେଶ୍ୱର (ନି.ପ୍ର.) ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ସାମ୍ବାଦିକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ବିଧାୟକ ମାନସ କୁମାର ଦତ ଗୁରୁତ୍ୱ ଆରୋପ କରିଛନ୍ତି । ଆଜି ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଶ୍ରୀ ଜଗନ୍ନାଥ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ପରିସରରେ ଆୟୋଜିତ ଜାତୀୟ ପ୍ରେସ ଦିବସ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ଦତ କହିଲେ ଯେ, ଆମର ଏବର ସାମାଜିକ ବ୍ୟବସ୍ଥା ରେ ସାମ୍ବାଦିକ ମାନଙ୍କ ଭୂମିକା ବହୁ ମାତ୍ରାରେ ବୃଦ୍ଧି ପାଇଛି । ସେ ପ୍ରାକୃତିକ ଦୁର୍ବିପାକ,ବା ଦୁର୍ଘଟଣା ବା ଦୁର୍ନୀତି ଭ୍ରଷ୍ଟାଚାର ଅବା ଗଣ୍ଡଗୋଳ ସବୁଠି ଆଗରେ ଯିଏ ପହଂଚନ୍ତି ସେ ହେଉଛନ୍ତି ସାମ୍ବାଦିକ ।ସେମାନଙ୍କପାଇଁ ସୁରକ୍ଷା,ନିରାପତା,, ଭତା ଅବା ଚିକିତ୍ସା ବ୍ୟବସ୍ଥା କରିବାର ଦାବିର ଯଥାର୍ଥତା ରହିଛି ବୋଲି ସେ ହୃଦୟଙ୍ଗମ କରିବା ସହିତ ଏ ସମ୍ପର୍କରେ ସେ ସରକାରୀ ସ୍ତରରେ କଣ କରାଯାଇ ପାରିବ ସେ ସମ୍ପର୍କରେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ୟୁନିଅନ ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷ ତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଧ୍ୱନିପ୍ରତିଧ୍ୱନି ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମାଜ ବାଲେଶ୍ୱର ସଂସ୍କରଣ ର ଡେସ୍କ ଇନଚାର୍ଜ ଶଶୀରଞ୍ଜନ ମଲ୍ଲିକ, ୟୁନିଅନ ର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ରାମ ନାରାୟଣ ଶତପଥୀ,, ଶ୍ରୀ ଜଗନ୍ନାଥ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ର ଚେୟାରମ୍ୟାନ ଗଙ୍ଗାଧର ଜେନା, ପ୍ରମୁଖ ଉଦବୋଧନ ଦେଇ ସାଂପ୍ରତିକ ସ୍ଥିତିରେ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ ।ୟୁନିଅନ ର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ତୃପ୍ତିକାନ୍ତ ପାଢ଼ୀ, ଲକ୍ଷୀ ଧର ଗାଣ, କହ୍ନେଇ ଚରଣ ପ୍ରଧାନ , ରବିରଞ୍ଜନ ତ୍ରିପାଠୀ, ପ୍ରସନଜିତ୍ ଆଶ , ବିନାୟକ ମହାପାତ୍ର,ମନୋଜ କୁମାର ବିଶ୍ୱାଳ,, ଲୋକନାଥ ପିରି,ସନ୍ଦୀପ ଦାଶ, ଉଜ୍ଜ୍ୱଳ କୁମାର କର, ସମରେଶ ମଣ୍ଡଳ, ସୋମନାଥ ସାହୁ ଙ୍କ ସମେତ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ ଓ କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

# ନୂତନ ମତଦାତାଙ୍କୁ ସଚେତନ କରିବା ଲାଗି ଗଡ଼ିଲା ସଚେତନତା ରଥ



ବାଲେଶ୍ୱର,(ନି.ପ୍ର.): ଅଠର ବର୍ଷର କିଶୋର କିଶୋରୀ ମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା ଓ ଭୋଟ ପରିଚୟପତ୍ରରେ ଥିବା ତ୍ରୁଟିଗୁଡିକୁ ସଂଶୋଧନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ରଥ ବାଲେଶ୍ୱର ସହର ଓ ଆଖପାଖ ପଂଚାୟତରେ ଗଡ଼ିବା ଆରମ୍ଭ କରିଛି ।ବାଲେଶ୍ୱର କଲେକ୍ଟୋରେଟ୍ ଠାରେ ଅପରାହ୍ନ ଘ. ୨ ଟା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ରଥକୁ ପତାକା ଦେଖାଇ ଗଡିବାକୁ ଅନୁମତି ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ରାଇମତ ଟୁଡୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ମହିଳା ଲୁଟେରା ଗିରଫ

ବାଲେଶ୍ୱର,(ନି.ପ୍ର.): ୧୫ ତାରିଖ ପ୍ରତ୍ୟୁଷରୁ ଟାଉନତାନା ଅନ୍ତର୍ଗତ ବାଲିଘାଟ ଠାରେ ବାଲିମେଳା ମହୋତ୍ସବରେ ସମ୍ବଲପୁର ଅଂଚଳର ବାସନ୍ତୀ ପାତ୍ର ନାମ୍ନୀ ଜଣେ ମହିଳାଙ୍କର ନଗଦ ଟଙ୍କା ସମେତ ସୁନା ଚେନ୍ ଚିନ୍ତାଇ ହୋଇଯାଇଥିବା ଟାଉନଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ତଦନ୍ତ କରାଯାଇ ପୋଲିସ ପଶ୍ଚିମବଙ୍ଗ ହୁଗୁଲି ଛୁଡ଼ଛୁଡ଼ା ଅଂଚଳର ଡେବିଟ୍ ମୁଦାଲିୟାର୍ ନାମ୍ନୀ ମହିଳାଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଗୋଟିଏ ସୁନା ଚେନ



ଏବଂ ନଗଦ ୪ହଜାର ଟଙ୍କା ଟାଉନ ପୋଲିସ ଜବତ କରିଚନ୍ତି । ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଟାଉନଥାନା ଅଧିକାରୀ ଅଶୋକ ନାୟକ ସୂଚନା ଦେଇ କହିଛନ୍ତି ।

# ବିଧବା ହତ୍ୟାକାରୀ ଗିରଫ

ବାଲେଶ୍ୱର,(ନି.ପ୍ର.): ଗତ ୧୩ ତାରିଖ ରାତିରେ ସଦର ଥାନା ଅନ୍ତର୍ଗତ ଇଷାଣୀ ଠାରେ ଜଣେ ୭୦ବର୍ଷିୟ ବିଧବା ବୃଦ୍ଧା ସରସ୍ୱତୀ ମହାରଣା ଯାହାଙ୍କ ଘର ସୁନ୍ଦୁରୀ ଅଂଚଳର । ତାଙ୍କୁ କୌଣସି ଦୁର୍ବୃତ ହତ୍ୟାକରି ତାଙ୍କ ମୁହଁରେ କଂଟା ଏବଂ କନ୍ଥା ଘୋଡ଼ାଇଦେବା ଫଳରେ ସ୍ଥାନୀୟ ଅଂଚଳର ଲୋକେ ପୋଲିସରେ ଖବରଦେବା, ଘଟଣାସ୍ଥଳରେ ପୋଲିସ ପହଂଚି ସଦର ଥାନା ପକ୍ଷରୁ ୫୫୯/ ୨୪ ଦଫା ୧୦୩(୧) ବିଏନଏସ ମୂଳେ ମାମଲା ରୁଜୁ କରିଥିଲେ ।ଏହି ଘଟଣାରେ ଏସପି ରାଜପ୍ରସାଦଙ୍କ ନିର୍ଦ୍ଦେଶରେ ସଦର ଏସଡିପିଓ ଡ.ଶଶାଙ୍କ ଶେଖର ବେହୁରା ଏକ ଟିମ୍ ମାଧ୍ୟମରେ ତଦନ୍ତ ଜାରି କରିବା ଘଟଣାରେ ପୋଲିସ ଗୋପାଳପୁର ଥାନା ଅନ୍ତର୍ଗତ କଲ୍ୟାଣୀ ଗ୍ରାମର ଭାଗିରଥି ଜେନାଙ୍କ ପୁତ୍ର ବିଶ୍ୱମ୍ଭର ଜେନା ଓରଫ ବାପୁନୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ୧୬ ତାରିଖ ସନ୍ଧ୍ୟାରେ ଏସପିଙ୍କ ନିର୍ଦ୍ଦେଶରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଶଶାଙ୍କ ଶେଖର ବେହୁରା ଗଣମାଧ୍ୟକୁ ସୂଚନା ଦେଇ କହିଛନ୍ତି । ସେ କହିଛନ୍ତି କି, ବାପୁନୁ ଓରଫ ବିଶ୍ୱମ୍ଭର ଜେନା ଜଣେ ଚୋର । କିଛିଦିନ ପୂର୍ବରୁ ଜେଲରୁ ଆସିବା ପରେ ସେ ପୂର୍ବଭଳି ସରସ୍ୱତୀଙ୍କ ଘରକୁ ଯାଇଥିଲେ । ତାଙ୍କ ଘରେ ଖାଇବା, ପିଇବା ସହିତ ବେଳେବେଳେ କିଛି କାମକରି ଅର୍ଥ ଆଣୁଥିବା ବେଳେ ଘଟଣାଦିନ ସରସ୍ୱତୀଙ୍କ ନିକଟରେ ଅଧିକ ଅର୍ଥଥିବା ଜାଣିପାରି ସେ ତାଙ୍କୁ ଅର୍ଥ ମାଗିଥିଲେ । ତା'ପୂର୍ବରୁ ସରସ୍ୱତୀ ବାପୁନୁକୁ କହିଥିଲେ ତୁ ଗୋଟେ ଚୋର । ଆଉ ଆମ ଘରକୁ



ଆସିବୁନି । ଏହି ଘଟଣାକୁ ନେଇ ଉତକ୍ଷିପ୍ତ ବାପୁନୁ ତାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ମୁହଁରେ କନ୍ଥା ଘୁଡ଼ାଇଦବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ ଆଗରେ ସ୍ୱୀକାର କରିବା ସହ ପୋଲିସ ଘଟଣାସ୍ଥଳରେ ହତ୍ୟାକାଣ୍ଡରେ ବ୍ୟବହୃତ ଆବଶ୍ୟକୀୟ ସରାଞ୍ଜାମ ଜବତ କରିଥିବା ସେ ସୂଚନା ଦେଇଛନ୍ତି ।

# ବାଲିଆ କୁକୁଡ଼ାପଦା ପଡିଆରେ ବୋଇତ ବନ୍ଦାଣ ଉତ୍ସବ ପାଳିତ



ବାଲେଶ୍ୱର(ନି.ପ୍ର.)ଶୁକ୍ରବାର ସନ୍ଧ୍ୟାରେ ବାଲିଆ କୁକୁଡ଼ାପଦା ପଡିଆରେ ବୋଇତ ବନ୍ଦାଣ କମିଟି ବାଲିଆ ତରଫରୁ 'ବୋଇତ ବନ୍ଦାଣ ଉତ୍ସବ - ୨୦୨୪' ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକର୍ତା କୃଷ୍ଣ ଚନ୍ଦ୍ର ସାହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ସରପଂଚ ବାଲିଆ ନିତାଇ ଚରଣ ନାୟକ, ସରସ୍ୱତୀପୁର ସରପଂଚ କୈଳାସ ସ୍ୱାଇଁ, ସରପଂଚ ଭୀମପୁରା ରିତାଞ୍ଜଳି ପଲେଇ, ସମିତି ସଭ୍ୟ ତ୍ରିଲୋଚନ ପ୍ରଧାନ, ଭଗବାନ ସାହୁ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଆଜିର ଦିନରେ ଆମ ଓଡ଼ିଆ ପୁଅ ମାନେ ବୋଇତ ନେଇ ବିଦେଶକୁ ବ୍ୟାପାର କରିବା ପାଇଁ ଯାଉଥିଲେ । ଏହା ଆମ ଓଡ଼ିଆ ସଂସ୍କୃତିର ଏକ ମହତ୍ୱପୂର୍ଣ୍ଣ ପର୍ବ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ଏଭଳି ସଂସ୍କୃତିକୁ କଳା ମାଧ୍ୟମରେ ପରିବେଷଣ କରି ଏବଂ ପାଳନ କରି ସଂସ୍କୃତିକୁ ବଂଚାଇ ରଖିବା ପାଇଁ ସାଂସଦ ଉପସ୍ଥିତ ଲୋକଙ୍କୁ କହିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ତପନ ଦାସ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଏ ଅଂଚଳରେ ଉତ୍ସବରେ ଯୋଗ ଦେଇଥିବା ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସଂଗେ ସଂଗେ ସୁଭଦ୍ରା ଅର୍ଥ ଠିକ୍ ଭାବେ ମିଳୁଛି କି ନାହିଁ ପଚାରି ବୁଝିଥିଲେ ।

# ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ୧୧ତମ ଝୋଟି ମହୋତ୍ସବ

ବାଲେଶ୍ୱର (ନି.ପ୍ର.)ନୃତ୍ୟ ସଂଗୀତ କଳା ମନ୍ଦିର ଠାରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ୧୧ତମ ଝୋଟି ମହୋତ୍ସବ ଆଗାମୀ ଡିସେମ୍ବର ୧୯ତାରିଖରେ ଅନୁଷ୍ଠିତ ହେବାର ପ୍ରସ୍ତୁତି ବୈଠକ ହୋଇଯାଇଅଛି କ୍ଷ ଏଥିରେ ସଭାପତିତ୍ୱ କରିଥିଲେ ପ୍ରତିଷ୍ଠାନର ସଭନେତ୍ରୀ ଅଞ୍ଜଳି ପଣ୍ଡା କ୍ଷ ପ୍ରଥମେ ସାଧାରଣ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ପୂର୍ବ ବୈଠକର ବିବରଣୀ ପାଠ କରି ଅନୁଷ୍ଠାନ ର ଅଭିମୁଖ୍ୟ ବିଷୟରେ ଜଣାଇବା ସହିତ ଆଗାମୀ ଦିନରେ ଏହାକୁ କେମିତି ପାଳନ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ କ୍ଷ ମୁଖ୍ୟ ଉପଦେଷ୍ଟା ଶ୍ରୀ କେଶୁ ଦାସ ପ୍ରସ୍ତାବ ରଖିଥିଲେ ଏହାକୁ କେମିତି ପାଳନ କରି ଉତ୍କଳୀୟ ପରମ୍ପରାକୁ ରକ୍ଷକ୍ଷକରିବା ସହିତ ଭବିଷ୍ୟତ ପିଢ଼ି ଏହାକୁ ରକ୍ଷା କରିବେ ତାହା ଉପରେ ଆଲୋକପାତ କରିଥିଲେ କ୍ଷ ସର୍ବ ସମ୍ମତକ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା ଯେ ଏଥର ନସି ବିଜନେସ ପାର୍କ ଠାରେ ଏହାକୁ ପାଳନ କରା ନ ଯାଇ ବାଲେଶ୍ୱର ସହରର ରାସ୍ତାରେ କରିବାର ପାଇଁ ଜିଲ୍ଲାପାଳ ଓ ଏସ. ପି ଙ୍କ ସହିତ ସାକ୍ଷାତରେ ଆଲୋଚନା କରିବା ପାଇଁ ଧାର୍ଯ୍ୟ କରାଗଲା କ୍ଷ ଏହି ସଭାରେ ସୁଧାକର ସେଠି, ସସ୍ମିତା ମିଶ୍ର, ମିନତୀ ସେଠି, ରାଜଲକ୍ଷ୍ମୀ ଚଟକ୍ଷର୍ଜୀ , ପୁଷ୍ପା ଚଟକ୍ଷର୍ଜୀ, ଶାନ୍ତିଲତା ପଣ୍ଡା, ସଂଗୀତା ପଣ୍ଡା ଓ ଅନେକ ସଦସ୍ୟକ୍ଷ ଉପସ୍ଥିତ ଥିଲେ । ସର୍ବଶେଷରେ ସୁନା ମଣି ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




# ଉଦ୍‌ଯାପିତ ହେଲା ବାଲେଶ୍ୱରର ଛତୁଆ ପୋଖରୀ ବୋଇତ ବନ୍ଦାଣ ଉତ୍ସବ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସହରର ଟୁଲଙ୍କ ସାହି ଛତୁଆ ପୋଖରୀଠାରେ ଦୁଇ ଦିନିଆ ବୋଇତ ବନ୍ଦାଣ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଉଦଯାପନୀ ଦିବସ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ଉଦ୍ ?ଘାଟନ ସହିତ ପ୍ରାଚୀନ ଉତ୍କଳ ନୌବାଣିଜ୍ୟ ପରମ୍ପରାର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ବୋଇତ ବନ୍ଦାଣ ଏବଂ ଉତ୍କଳୀୟ ନୌବାଣିଜ୍ୟ ଉତ୍ସବ ସହ ଆମ ପରମ୍ପରା ଓ ସଂସ୍କୃତି ବିଷେଶ ଭାବରେ ଜଡ଼ିତ ବୋଲି ସେ ମତବ୍ୟକ୍ତ କରିଥିଲେ । କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରମ୍ପରା ଜାତିର ଏକ ପରିଚୟ ହୋଇଥିବା ବେଳେ ଏହା ଅତୀତ ଓ ବର୍ତମାନକୁ ଯୋଡି ଭବିଷ୍ୟତକୁ ସୁରକ୍ଷିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ବାଲେଶ୍ୱର ଆଂଚଳିକ ଉନ୍ନୟନ ଟ୍ରଷ୍ଟ (ବ୍ରିଟ) ଅଧ୍ୟକ୍ଷ ଆଲୋକ କୁମାର ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳର ପୂର୍ବସୁରୀଙ୍କ ଦୁଃସାହସିକ ପୂର୍ଣ୍ଣ ଜଳଯାତ୍ରା ସମ୍ପର୍କରେ ବର୍ଣ୍ଣନା ସହିତ ପ୍ରାଚୀନ ଉତ୍କଳର



ଗୌରବମୟ ଇତିହାସର ସ୍ମୃତିରକ୍ଷା ପାଇଁ ମହାନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବା ଉଚିତ ବୋଲି କହିଥିଲେ । ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପାଧ୍ୟକ୍ଷ ତଥା କମିଟିର ସଭାପତି ମନୋଜ କୁମାର ରାଉତ ଏଥିରେ ପୌରହିତ୍ୱ କରିଥିବା ବେଳେ ସମ୍ପାଦକ ରମେଶ ଚନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ନୃତ୍ୟ ଓ ଝୋଟି ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । କମିଟିର କୋଷାଧ୍ୟକ୍ଷ ପ୍ରାଣକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୂର୍ଗାମାଧବ ମହାପାତ୍ର, ଅମୁଲ୍ୟ ତାଲଦି, ନିକୁଞ୍ଜ କିଶୋର ଭୁୟାଁ, ଭାସ୍କର ଜେନା, ଅସୀତାନନ୍ଦ ଦେବ ଗୋସ୍ୱାମୀ, ଭବେନ୍ଦ୍ର ପଣ୍ଡା, ରବୀନ୍ଦ୍ର ମୋହନ ଚାନ୍ଦ, ରବିନ୍ଦ୍ର ସାହାଣି, ଲେନିନ ସେଠୀ, ଲଲାଟେନ୍ଦୁ ମହାନ୍ତି, ଅଶୋକ ବେହେରା, ସୁଶାନ୍ତ ମହାନ୍ତି, ଜୟନ୍ତ କୁମାର ବାରିକ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




# ପଥ ମହୋତ୍ସବ-୨୦୨୪ : ‘ମୁରୁଜରେ ମୋ ଜଗନ୍ନାଥ’ ପ୍ରତିଯୋଗିତା



ରାଇରଙ୍ଗପୁର(ନିପ୍ର): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଇରଙ୍ଗପୁରରେ ବାର୍ଷିକ ପଥ ମହୋତ୍ସବ-୨୦୨୪ ଉପଲକ୍ଷେ ମୁରୁଜ ପ୍ରତିଯୋଗିତା ‘ଭକ୍ତବନ୍ଧୁ ଜଗନ୍ନାଥ’ ଶୀର୍ଷକ ଉପରେ ଅନୁଷ୍ଠିତ ହୋଇଛି । ସାଂସଦ ନବଚରଣ ମାଝି, ବିଧାୟକ ଜଲେନ ନାଏକ, ପୌରାଧକ୍ଷ ଅଭିଷେକ ପଟ୍ଟନାୟକ ଓ ‘ପୌରୁଷ’ ସମ୍ପାଦକ ଡ. ଅସିତ ମହାନ୍ତି ପ୍ରମୁଖ ମହୋତ୍ସବର ଶୁଭ ଉଦଘାଟନ କରି ଏପରି ଅଭିନବ ମହୋତ୍ସବ ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ । ଟ୍ରଷ୍ଟ ମୁଖ୍ୟ ଙ୍କ ରାଧାଶ୍ୟାମ ପାତ୍ର, ସଭାପତି ତିମିର ରଞ୍ଜନ ପଣ୍ଡା, ଉପସଭାପତି କାଳୀପ୍ରସନ୍ନ ମହାନ୍ତି ଓ ବିଜୟ କୁମାର ରାମ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ନନ୍ଦ, ସହସମ୍ପାଦକ ଡ.ଦିଗମ୍ବର ଗିରି ଓ କିଶୋର ରଜକ, କୋଷାଧକ୍ଷ ମାନସ ପରିଡ଼ା, ସଦସ୍ୟ/ସଦସ୍ୟା ପୁଷ୍ପଲତା ମହାନ୍ତି, ପ୍ରମିଳା ସ୍ୱାଇଁ, ପୁଷ୍ପମିତ୍ରା ଦତ, ସୂର୍ଯ୍ୟକାନ୍ତ ଘଣା, ଲଳିତ ପାତ୍ର, ସିଦ୍ଧାର୍ଥ ପାଲ, ଦୀନେଶ ବେହେରା ଓ କୌଶିକ କାଶ୍ୟପ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ମାଉସୀ ମା’ ମନ୍ଦିର ସମ୍ମୁଖରୁ ଷ୍ଟାଡିୟମ ପର୍ଯ୍ୟନ୍ତ ‘ମୁରୁଜ ଦାଣ୍ଡ’ ରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷା, କଳା ଓ ସାଂସ୍କୃତିକ ଅନୁଷ୍ଠାନର ୩୮ଟି ପ୍ରତିଯୋଗୀ ଦଳ ଅଂଶଗ୍ରହଣ କରିଥିଲେ । ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଭଳି ଉପାନ୍ତ ଅଂଚଳରେ ‘ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ଟ୍ରଷ୍ଟ, ଓଡ଼ିଶା, ରାଇରଙ୍ଗପୁର ଆନୁକୂଲ୍ୟରେ ଆୟୋଜିତ ଏହି ଆକର୍ଷଣୀୟ ଓ ଚିତାକର୍ଷକ କାର୍ଯ୍ୟକ୍ରମ ଜନସାଧାରଣଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କଳାପ୍ରେମୀଙ୍କ ଦ୍ୱାରା ମୁରୁଜରେ ଅଙ୍କିତ ‘ଭକ୍ତବନ୍ଧୁ ଜଗନ୍ନାଥ’ କଳାକୃତି ଅଗଣିତ ଦର୍ଶକଙ୍କ ମନ ମୋହି ନେଇଥିଲା । ରଙ୍ଗବେରଙ୍ଗ ମୁରୁଜରେ ମୁରୁଜ ଦାଣ୍ଡ ସତେ ଯେମିତି ଶ୍ରୀକ୍ଷେତ୍ର ପୁରୀର ବଡଦାଣ୍ଡ ପରି ଦୃଶ୍ୟମାନ ହେଉଥିଲା । ଏହି ମନୋରମ ମୁରୁଜ ଚିତ୍ରକଳା ଦେଖିବା ପାଇଁ ଉପଖଣ୍ଡର ବିଭିନ୍ନ ଅଂଚଳରୁ ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀଙ୍କ ସୁଅ ଛୁଟିଥିଲା । ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ୫ଟି କଳା ଦଳ ଯଥା - ‘ପୁରୁଷୋତମ’ ଆର୍ଟ ଗ୍ରୁପ୍, ସୁଧା କଳା ମନ୍ଦିରର ‘ଦେହୀପଦପଲ୍ଲବ’ ଗ୍ରୁପ୍ ଓ ‘ପତିତପାବନ’ ଗ୍ରୁପ୍, ‘ସନସାଇନ୍’ ସ୍କୁଲ ଗ୍ରୁପ୍ ଏବଂ ‘ଭକ୍ତଭାବ’ ଆଦି ଗ୍ରୁପ୍ ଙ୍କୁ ଡ. ଅସିତ ମହାନ୍ତି, ରାଧାଶ୍ୟାମ ପାତ୍ର ଓ ପୌରଉପାଧକ୍ଷା ମମିତା ଚୌଧୁରୀ ଅର୍ଥ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଦିଆ ଯାଇଥିଲା । ଚିତ୍ରଶିଳ୍ପୀ ପ୍ରଣବ ମହାନ୍ତ, ଲଳିତ ଦାସ ଓ ସାର୍ଥକ ପଣ୍ଡା ମୁରୁଜ କଳାକୃତି ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ଟ୍ରଷ୍ଟର ସଂପାଦକ ଶ୍ରୀ ନନ୍ଦ ଓ ଉପସଭାପତି ଶ୍ରୀ ରାମ ଓ ସଦସ୍ୟା ଶ୍ରୀମତି ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରାମେଶ୍ୱରୀ ପଟ୍ଟନାୟକ, ରେଡି ଭଲେଂଟିଅର୍ସ, ଲିଟିଲ୍ ଫ୍ଲାୱାର୍ସ ସ୍କୁଲ ପରିବାର, ସିଆର୍ ପଟ୍ଟନାୟକ ଟେଂଟ ହାଉସ୍ ଓ ଧର୍ମେନ୍ଦ୍ର ସାଉଣ୍ଡ ସହାୟତା କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଭଦ୍ରକ(ନିପ୍ର): ପ୍ରତିବର୍ଷ ନଭେମ୍ବର ୧୬ ତାରିଖରେ ପାଳିତ ହୋଇ ଆସୁଥିବା ଜାତୀୟ ପ୍ରେସ ଦିବସକୁ ଭଦ୍ରକ ଜିଲ୍ଲାସ୍ତରରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ନିକଟ ଅତୀତରେ ଭଦ୍ରକ ଜିଲ୍ଲାରେ ଘଟିଯାଇଥିବା ବାତ୍ୟା ‘ଦାନା’ ଓ ତତ୍‌ପରବର୍ତ୍ତୀ ବନ୍ୟା ଜନିତ ପରିସ୍ଥିତିରେ ସାମ୍ବାଦିକମାନେ ପ୍ରଶାସନକୁ ସଚେତନ ଓ ସହଯୋଗ କରିବା ସହିତ ପ୍ରଶାସନର ଅପହ ଇଲାକା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଭଳି ସମାଜ କଲ୍ୟାଣ ଆଭିମୁଖ୍ୟର ଅନୁଭବ ଆଧାରିତ ଉଦାହରଣ ପ୍ରଦାନ ପୂର୍ବକ ଜିଲ୍ଲାପାଳ ଗଣତନ୍ତ୍ର ପାଇଁ ଗଣମାଧମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଜାତୀୟ ପ୍ରେସ୍ ଦିବସ ପାଳନ ଉପଲକ୍ଷେ ନିର୍ଦ୍ଧାରିତ ଥିବା ବିଷୟ ଗଣମାଧମର ପରିବର୍ତ୍ତନଶୀଳ ସ୍ୱରୂପ ଶୀର୍ଷକ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ପ୍ରକାଶ କରିଥିଲେ କି ସମୟ ଓ ଜ୍ଞାନ କୌଶଳ ସହିତ ତାଳ ଦେଇ ଗଣ ମାଧମର ପରିବର୍ତ୍ତିତ ସ୍ୱରୂପ ଯେପରି ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛି ଗଣ ମାଧମ ପ୍ରତିନିଧିମାନେ ମଧ ତାହା ସହ ତାଳଦେଇ ନିଷ୍ଠାର ସହ ସ୍ୱଚ୍ଛତା, ନିରପେକ୍ଷତା ଅବଲମ୍ବନ ପୂର୍ବକ ନିଜର ପେଷାଗତ ଦକ୍ଷତାକୁ ପରିବର୍ତ୍ତନଶୀଳ କରାଇପାରିଲେ ଗଣମାଧମର ମହାନ ଆଭିମୁଖ୍ୟ ସମାଜ ସେବା ଓ ମାନବିକତା ନୀତିର ପ୍ରକୃତ ପ୍ରତିଫଳନ ହୋଇପାରିବ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ନନ୍ଦ ଦୁଲାଲ ଦାସ, ରବିନାରାୟଣ ଖିଲାର, ଜ୍ଞାନ ପ୍ରକାଶ ପାଣି, ଶ୍ରୀକାନ୍ତ ତ୍ରିପାଠୀ, ପ୍ରିୟଦର୍ଶନ ଶୁଭବ୍ରତ ବୋଇତି, ଉମାକଲ୍ୟାଣ ମହାପାତ୍ର, ପାର୍ଥ ସାରଥୀ ନାୟକ, ଶିବାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ପ୍ରଦତ ଆଲୋଚ୍ୟ ବିଷୟ ସମ୍ବନ୍ଧରେ ଆଲୋଚନା କରି ଗଣ ମାଧମର ପରିବର୍ତ୍ତନଶୀଳ ସ୍ୱରୂପର ସୁପ୍ରଭାବିତ ପ୍ରତିଛବି ଦେଖିବାକୁ ହେଲେ ସାମ୍ବାଦିକ ବୃତିରେ, ମାନସିକତାରେ ମଧ ଆବଶ୍ୟକ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ



କେନ୍ଦୁଝର(ନିପ୍ର): କେନ୍ଦୁଝର ସହରର ଭାଲୁକିପଡଲା ସ୍ଥିତ ଶ୍ରୀବିହାର କଲୋନୀ ରେ ଅବସ୍ଥିତ ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକ ଉତ୍ସବ ପାଳନ କରାଯାଇଥିଲା । ବଡ଼ି ଭୋରରୁ ବହୁ ସଂଖ୍ୟକ ଭକ୍ତ ମହାଦେବଙ୍କ ଦର୍ଶନ କରିବା ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କ କୃପା ଭିକ୍ଷା କରିଥିଲେ । ମଧାନରେ ମନ୍ଦିର ପରିଚାଳନା କମିଟି ତରଫରୁ ପ୍ରାୟ ପାଂଚ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପରିଚାଳନା କମିଟିର ସମ୍ପାଦକ ଅନନ୍ତ କୁମାର ଦେ, ସଭାପତି ହୃଷୀକେଶ ମହାନ୍ତି, ଉପଦେଷ୍ଟା କ୍ଷୀରୋଦ କୁମାର ରାଉତ, ନରେନ୍ଦ୍ର କୁମାର ମିଶ୍ର , ରବିନାରାୟଣ ରାୟ, ପ୍ରକାଶ ଚନ୍ଦ୍ର ସାହୁ, ଅଭୟ କୁମାର ରାଉଳ, ଉପେନ୍ଦ୍ର ଘଣା, ରଣଜିତ କୁମାର ବାରିକ, ସଦାଶିବ ସାମଲ, ପ୍ରଶାନ୍ତ କୁମାର ପଣ୍ଡା, ଘନଶ୍ୟାମ ସାମଲ, ମଖମଲ ବାରିକ, ବୁଲୁ ସାହୁ, ପ୍ରାଣବନ୍ଧୁ ସାହୁ, ସନ୍ତୋଷ କୁମାର ଦାଶ, ଅନିଲ କୁମାର ତିୱାରି, ଚର୍ଚ୍ଚିଲ ବେହେରା, ସୁବାସ ଜେନା, ଅଲେଖ ନାଏକ ତଥା କଲୋନୀ ର ସମସ୍ତ ସଦସ୍ୟଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ପ୍ରସାଦ ସେବନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା ।

# ଜେଏସଡବ୍ଲୁ କୁ ଇଡ୍‌କୋ ଓ ପ୍ରଦୂଷଣ ବିଭାଗର ଏତେ ସହାନୁଭୂତି କାହିଁକି ?



କଳିଙ୍ଗନଗର(ନିପ୍ର): କଳିଙ୍ଗନଗର ରେ ଏକାଧିକ ଶିଳ୍ପସଂସ୍ଥା ନିର୍ମାଣ ପାଇଁ ରାଜ୍ୟ ସରକାର ଙ୍କ ତରଫରୁ ଇଡକୋ ଜମି ପ୍ରଦାନ କରିଛନ୍ତି । ଜମି ପ୍ରଦାନ କରିବା ପରେ ଇଡକୋ ର କିଛି ଅସାଧୁ କର୍ମଚାରୀ ମାନଙ୍କ ସହଯୋଗ ରେ ଶିଳ୍ପସଂସ୍ଥା ମାନେ ଅଧିଗ୍ରହଣ କରିଥିବା ଜମି ର ପରିମାଣ ଠାରୁ ବିପୁଳ ପରିମାଣର ସରକାରୀ ଜମିକୁ ନିଜର ଆବଶ୍ୟକତା ପୂରଣ କରିବାକୁ ଯାଇ ନିଜର କାର୍ଯ୍ୟ ରେ ଲଗାଇ ଆସୁଥିବା ଦେଖିବାକୁ ମିଳିଛି । ବିଶେଷ କରି ଯାଜପୁର ଜିଲ୍ଲା ରେ ଥିବା ଜେଏସଡବ୍ଲ୍ୟୁ ସିମେଂଟ କାରଖାନା ରାଜ୍ୟ ସରକାରଙ୍କ ଠାରୁ ୧୮.୮ ଏକର ପରିମିତ ଜମି ପ୍ରଦାନ କରିବା ସମୟରେ ଯେଉଁ ସବୁ ନିୟମ ପାଳନ କରିବା ପାଇଁ କାରଖାନା ପ୍ରତିଶୃତି ଦେଇଥିଲେ । ତାହା କୁ ଅଣଦେଖା କରୁଥିବା ଦେଖିବାକୁ ମିଳିଛି । ଜେଏସଡବ୍ଲୁ ୧.୨ ନିୟୁତ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସିମେଂଟ କାରଖାନା ସ୍ଥାପନ ସମୟରେ ପରିବେଶ ପ୍ରଦୂଷଣ କରିନାହିଁ । ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ରେ ଅଗ୍ରାଧିକାର ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଲିଖିତ ପ୍ରଦାନ କରିଛନ୍ତି । ମାତ୍ର ଦୁଃଖର ବିଷୟ କି ଯାଜପୁର ଜିଲ୍ଲା ରୁ ଜଣେ କେହି କମ୍ପାନୀ ର ଅଧିକାରୀ ରୂପରେ ଦେଖିବାକୁ ମିଳୁନାହାଁନ୍ତି । ଏଥି ସହିତ ଜିଲ୍ଲା ପ୍ରଶାସନ ର କୌଣସି କଥା କୁ ମାନୁ ନଥିବା ପରି ପରିଲକ୍ଷିତ ହୋଇଛି । ୧୮.୮ ଏକର ଜମିରେ ଆବଶ୍ୟକତା ଅନୁଯାୟୀ କାରଖାନା ସ୍ଥାପନ କରିବା କଥା ମାତ୍ର ବର୍ତ୍ତମାନ ଦେଖିବାକୁ ମିଳିଛି କି ବେଆଇନ ଭାବରେ ଇଡକୋ ତଥା ସରକାରୀ ଜାଗା କୁ ଜବରଦଖଲ କରି ନିଜ ର ବହୁ ପ୍ରକଳ୍ପ କରିଥିବା ଦେଖିବାକୁ ମିଳିଛି । ଏହି ବେଆଇନ କାର୍ଯ୍ୟ କୁ ପରୋକ୍ଷରେ ଇଡକୋ ବିଭାଗ ର କିଛି କର୍ମକର୍ତ୍ତାମାନଙ୍କ ସହଯୋଗ କରୁଥିବା ପରି ପରିଲକ୍ଷିତ ହୋଇଛି । କାରଣ ୩୦୦ ମିଟର କମନ କରି ଡୋର ରାସ୍ତା ପାଇଁ ଥିବା ସବକାରୀ ଯାଗା କୁ କିପରି ଜେଏସଡବବ୍ଲ୍ୟୁ ସିମେଂଟ କାରଖାନା ନିଜ ଗାଡିଗୁଡିକ ସଫା କରିବା ପାଇଁ ହୁଇଲି ୱ ।ସିଙ୍ଗି ସିଷ୍ଟମ ନିର୍ମାଣ କାର୍ଯ୍ୟ କରିଥିବା ସହିତ ନିଜର କାରଖାନା ସମ୍ମୁଖରେ ଗାଡ଼ି ପାର୍କିଂ ସ୍ଥଳ ନିର୍ମାଣ କରି ସ୍ଥାୟୀ ଭାବରେ କ୍ୟାଂଟିନ କରି ସମ୍ପୂର୍ଣ୍ଣ ଭାବେ ସରକାରୀ ଜାଗା କୁ ଜବରଦଖଲ କରିଥିବା ଦେଖିବାକୁ ମିଳିଛି । ପୂର୍ବରୁ ଥିବା କଚେରି ଗାଁ ନାଳ କୁ ମଧ ଧିରେ ଧିରେ କାରଖାନା ରୁ ବାହାରୁଥିବା ବର୍ଯ୍ୟ ବସ୍ତୁ ପକାଇ ଜଳସ୍ରୋତ କୁ ପରିବର୍ତ୍ତନ କରିବାପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି । ଏହି ସବୁ ଘଟଣା କୁ ଯଦି କୌଣସି ବ୍ୟକ୍ତି ଏହି ବିଷୟରେ ସଂପୃକ୍ତ ସଂସ୍ଥା କୁ କିଛି ପଚାରିବା ପାଇଁ ଚେଷ୍ଟା କରୁଛି । ତେବେ କାରଖାନା ର କିଛି କର୍ମଚାରୀ ଅପମାନ ଜନକ କଥା କହିବାକୁ ପଛଘୁଂଚା ଦେଇନାହିଁ । କଳିଙ୍ଗନଗର ରେ ଏହି ସବୁ ଘଟଣାକୁ ନେଇ ଆଲୋଚନା ହେଉଛି କି ଇଡକୋ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଯଦି ଜେଏସଡବ୍ଲୁ ସିମେଂଟ କାରଖାନା କରୁଥିବା ବେଆଇନ କାର୍ଯ୍ୟ କୁ ସମର୍ଥନ କରିବ ତେବେ କଳିଙ୍ଗନଗର ରେ ଥିବା ସାଧାରଣ ଲୋକ ତାଙ୍କର କିଛି କରିପାରିବା ନାହିଁ । ତେଣୁ ନୂତନ ସରକାର କଳିଙ୍ଗନଗର ରେ ଥିବା ସାଧାରଣ ଲୋକଙ୍କ ଦୁଃଖ କୁ ହୃଦବୋଧ କରି ସ୍ଥାନୀୟ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ରୁ ଭାଙ୍ଗି ସାଧାରଣ ଲୋକଙ୍କ ଅସୁବିଧା ଦୁର କରିବା ପାଇଁ କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିବାପାଇଁ ନିର୍ଦ୍ଦେଶ ଜାରି କରିଲେ ସାଧାରଣ ଲୋକ ବହୁ ଉପକୃତ ହୋଇପାରିବେ ବୋଲି ଆଲୋଚନା ହେଉଛି ।


**NOTICE**

NOTICE is hereby given that the certificate(s)for Sunrit Kumar Dutta bearing Equity CERTIFICATE Nos. 173026, 229629,408572,493064,1380077 and Distinctive Nos.10361868-907,146739336-75, 584396848-927, 624094187- 266.1399014168-287 under the folio no 5-78667of Larsen & Turbo Ltd. standing in the Name(s)of SUNRIT KUMAR DUTTA. Has/have been lost or mislaid arid thu undersigned has/have applied to the company to issue duplicate Certificate(s) for the said shares. Any person who has any claim in respect of the said shares should write to Our Registrar. **KFin Technologies Limited**. Selenium Tower B Plot 31-32, Gathibowil, Financial District, Hyderabad-500032 within one month from the date ice the company will proceed to issue duplicate Certificatets).

**Sd/-**
**Sunrit Kumar Dutta**

**Address**
At: HARIANAIR
PO: PANCHAPADA
OPP: JANATA ENGINEERING WORKS
PS/DIST: JHARSUGUDA,
ODISHA PIN:768204


## ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦୁଝର(ନିପ୍ର): କେନ୍ଦୁଝର ସହର ସ୍ଥିତ ଷ୍ଟାଇଲ ବଜାର ପକ୍ଷରୁ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଶନିବାର ଏବଂ ରବିବାର ଦୁଇଦିନ ଧରି ଚାଲିବ ବୋଲି ଷ୍ଟାଇଲ ବଜାର ଷ୍ଟୋର ମେନେଜର ବିଜୟ କୁମାର ରଣସିଂହ କହିଛନ୍ତି । ଏହି ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଷ୍ଟାଇଲ ବଜାର ଏବଂ ସବସେନ୍ସ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।


**AFFIDAVIT**

By virtue of an affidavit before executive magistrate Basudebpur, Bhadrak dated on 8.11.2024 affidavit no 6818, I declare that my name is Sanjaya kumar Rout, S/o- Upendra nath Rout At/Po -Ertal which is mentioned in my adhar card no - 259503909538. But my nick name is Sanjay Rout has been mentioned in my daughter Alivasmruti Rout's Hsc certificate and identity card, I declare that myself Sanjaya kumar Rout and Sanjay Rout is one and same person.

**Sd/-**
**Sanjaya kumar Rout**



B-613

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-II
AT/PO- BHASKARGANJ , BALASORE

CONTACT NO :- 06782-263149
E Mail ID :- eepwdbls2@gmail.com

**SHORT TENDER CALL NOTICE**

**BID INVITATION NO. EE (R and B) BLS-II- 18/ 2024-25**
**No.** 7873 **dt.** 12.11.2024

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 2 Nos |
| 3 | Nature of work : | : | Roads Work of Balasore (R&B) Division-II |
| 4 | Class of Contractor : | : | "D", "C", "B" for Civil (Roads) Works |
| 5 | Approx. value of work | : | Rs. 12.60 to 25.97 Lakhs for Civil (Roads) |
| 6 | Tender Cost. : . | : | Rs.6000.00 |
| 7 | Availability of Bid Documents in the website : | : | From 10.00 AM of 19.11.2024 to 4.00 PM of 04.12.2024 |
| 8 | Date of Opening of Bid : | : | Dt. 04.12.2024 at 4.30 PM. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR. 34155/11/0009/2425

Sd/-
Superintending Engineer,
Balasore (R&B) Division-II



C-1000

**OFFICE OF THE**
**MUNICIPAL COUNCIL, BHADRAK**
**BHADRAK**

**TENDER CALL NOTICE**
**(Through E-Procurement)**
**Tender Reference No: BM-BDK-1-2024-25**
**Tender Call Notice No. / BM / dt.**

1. Name of the work the : Individual Civil construction works as per DTCN published in website
2. No of works put to tender : 83 Nos' individual civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 10.00 hours of Dt.19.11.24 to 17.00 hours of Dt.28.11.24
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt. 29.11.2024
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak.

Further details can be seen from the e-procurement portal "https://tendersorissa.gov.in" or "http://tenders.ori.nic.in/nicgep/app"

OIPR. 13152/11/0014/2425

Sd/-
Executive Officer
Bhadrak Municipality



O-631

Tel. 06766-250094(O)
Mail: eerwd_kjh@yahoo.com

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
********

"e" Procurement Notice for Road Works
Identification No Online NCB - 05/2024-25.

1. Name of the Work : 01 No. Road Work
2. Total Number of Work : 01 No.
3. Estimated Cost : Rs. 82.89 Lakhs
4. Class of Contractor : "B" Class
5. Period of Completion : As per annexure of e-Procurement Notice No.05 of 2024-25.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-I, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.05 | Dt.20.11.2024 at 11.00 A.M. | Dt.29.11.2024 up to 5.00 P.M. | Dt.28.11.2024 up to 5.00 P.M. | Dt.30.11.2024 at 11.00 A.M. |

Further details can be seen from the Website www.tenderorissa.gov.in

OIPR. 25110/11/0006/2425

Sd/-
Additional Cheif Engineer
R.W Division, keonjhar



O-647

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK
"e" Procurement Notice for Building Works
Bid Identification No. Online Tender 02 of 2024-25

1. Name of the Work :- Buildings
2. Total No of Works :- 26 Nos
3. Estimated Cost :- Rs.1.69 lakhs to 3.39 Lakhs
4. Class of Contractor :- "C" & "D" Class
5. Period of Completion :- As per Annexure
6. Type of Tender :- Single Cover
7. Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Superintending Engineer, Rural Works Division-I, Bhadrak | Online-2 of 2024-25 | 21.11.2024 At- 11.00 A.M | 30.11.2024 At- 4.00 P.M | 30.11.2024 At-2.00 P.M | 02.12.2024 At- 11.00 A..M. |

Further details can be seen from the e-procurement portal "https://tendersorissa.gov.in "
N.B- Transparency Lottery to be held on Dt. 12.12.2024 at 11.30 A.M (If any changes it will be intimated)

OIPR. 25060/11/0002/2425

Sd/-Er.Kanan Pradhan
Superintending Engineer
R.W. Division, Bhadrak











କୌଣସି ଲୋକ ତା ଭାଗ୍ୟ ଉପରେ ସନ୍ତୁଷ୍ଟ ନୁହେଁ, ସେହିପରି ତା'ର ବିକାଶ ଉପରେ ସେ ଖୁସି ଥାଏ ।

# ଆଜିକାଲି




ୟେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ
ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା
ଧନାନି ଚ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।

## କମୁନି ବରଂ ବଢ଼ିବଢ଼ି ଚାଲିଛି

ରାଜ୍ୟରେ ଦରଦାମ କମିବା ପରିବର୍ତେ ପ୍ରତିଦିନ ବଢ଼ିବଢ଼ି ଚାଲିଛି । ଆଗକୁ ଯେ କମିବ ତାହା ନେଇ ସ୍ପଷ୍ଟ ହୋଇ ନାହିଁ ବୋଲି ବ୍ୟବସାୟୀ ମାନେ ମତ ଦେଇଛନ୍ତି । ବିଶେଷ କରି ଖାଇବା ତେଲ ୩୦ ପ୍ରତିଶତ ଉପରେ ବଢ଼ିଲାଣି । ଅପରପକ୍ଷେ ସୁଜି, ଅଟା ଓ ମଇଦା ଦର ପ୍ରାୟ ବଢ଼ିବଢ଼ି ଚାଲିଛି । ଏହି ଖାଦ୍ୟ ପଦାର୍ଥ ସମସ୍ତ ପରିବାର ପାଇଁ ପ୍ରତିଦିନ ଆବଶ୍ୟକ ପଡ଼ିଥାଏ । ପ୍ରାୟତଃ ବହୁଖାଦ୍ୟ ପଦାର୍ଥ ଦର ବଢୁଥିବା ଲକ୍ଷ୍ୟ କରାଯାଉଛି । ପନିପରିବା ଦର ନ କହିଲେ ଭଲ । ମାସମାସ ଧରି ପନିପରିବା ଦର କମିବା ପରିବର୍ତେ ଏଭଳି ଦରବୃଦ୍ଧି ଘଟୁଛି ଯେ ହାଟ ବଜାରକୁ ଲୋକେ ଯିବା ଆଗରୁ ଚିନ୍ତା କରୁଛନ୍ତି । ଏହି ସମୟରେ ପନିପରିବା ଦର ପ୍ରାୟତଃ କମିଥାଏ । କିନ୍ତୁ ଏବେ ଏହାର ବ୍ୟତିକ୍ରମ ଘଟିଛି । ବାଇଗଣ, ଝୁଡ଼ଙ୍ଗ, ବିନ୍ସ, ଜହ୍ନି ପ୍ରଭୃତି ପରିବା କିଲୋପ୍ରତି ୫୦ ଟଙ୍କା ଭିତରେ ରହିଛି । ସେହିଭଳି ଫୁଲକୋବି ଛୋଟ ସାଇଜର ୪୦ ଟଙ୍କା ଉପରେ ରହିଛି । ୫ ଶହ ଟଙ୍କାରେ ମଧ୍ୟ ପରିବା ବ୍ୟାଗ ପୁରୁନାହିଁ । ବିଶେଷ କରି ଗରୀବ ଓ ମଧ୍ୟବିତ ଶ୍ରେଣୀର ଲୋକମାନଙ୍କୁ ବହୁତ ବାଧୁଛି । ସେହିଭଳି ପିଆଜ ଦର ବୃଦ୍ଧି ନ କହିଲେ ଭଲ । ପିଆଜ ଦର ବର୍ତମାନ ୬୦ ଟଙ୍କା ଉପରେ ରହିଛି । ସମସ୍ତ ପନିପରିବା ଓ ପିଆଜ ଆମ ରାଜ୍ୟ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିଥାଏ । ବ୍ୟବସାୟୀ ମାନଙ୍କୁ ପ୍ରଶ୍ନ ପଚାରିଲେ ସେମାନେ ମଧ୍ୟ କିଛି କହିବାକୁ ପ୍ରସ୍ତୁତ ନୁହଁନ୍ତି । ହୁଏତ ବ୍ୟବସାୟୀ ମାନେ ଜାଣିଶୁଣି ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏପରିକି ଶସ୍ତା ପରିବା ଭିତରେ ଥିବା ଅମୃତଭଣ୍ଡା ଅଧିକ ଦରରେବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଦରଦାମ କେବେ କମିବ ତାହା ମଧ୍ୟ କହିହେବ ନାହିଁ । ଯଦିଓ ଯୋଗାଣ ବିଭାଗ କହୁଛି ଦରଦାମ ସ୍ଥିର ରଖିବାକୁ ପ୍ରୟାସ ଚାଲିଛି । କିନ୍ତୁ ଏହା ସମ୍ଭବ ହୋଇ ପାରୁ ନାହିଁ । ଆମେ ଆଶା କରୁଛୁ ଦରଦାମ ନିୟନ୍ତ୍ରଣ ପାଇଁ ସରକାର କଡ଼ା ବ୍ୟବସ୍ଥା ଗ୍ରହଣ କରିବା ଏକାନ୍ତ ଆବଶ୍ୟକ । ନଚେତ୍ ଗରୀବ ଓ ମଧ୍ୟବିତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବଢ଼ିବ ଏଥିରେ ଦ୍ୱିମତ ହେବାର ନାହିଁ । ଏପରିକି ଆହୁରି ସାଂଘାତିକ ଖବର ମିଳୁଛି ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ବହୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ବନ୍ଦ କରିବାକୁ ଯାଉଛନ୍ତି । ଏହି ଦୃଷ୍ଟିରୁ ସରକାର ଏବେଠୁ ଖାଉଟିଙ୍କ ପାଇଁ ଚିନ୍ତା କରିବା ଜରୁରୀ ବୋଲି ଆମେ ମନେ କରୁଛୁ ।

# ଦିବ୍ୟ ମାତା : ଶ୍ରୀମା

ପୃଥିବୀରେ ପ୍ରାୟ ଏଭଳି ଅଳ୍ପ ଲୋକ ନଥିବେ ଯେଉଁମାନେ ଶ୍ରୀମା, ଶ୍ରୀଅରବିନ୍ଦଙ୍କୁ ଜାଣି ନଥିବେ । ଶ୍ରୀମା ଓ ଶ୍ରୀ ଅରବିନ୍ଦ ନୂତନ ଅତିମାନସ ଯୁଗର ଶେଷ ଅବତାର । ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଯୁଗ୍ମାବତାର ଓ ଦିବ୍ୟ ଜୀବନାଲେଖ୍ୟ ସଂପର୍କରେ ପ୍ରାୟ ସମସ୍ତେ ଅଳ୍ପ ବହୁତେ ଜାଣନ୍ତି । ତେବେ ଶ୍ରୀମାଙ୍କର ଜନ୍ମ ତିଥି ୨୧ ଫେବୃଆରୀ । ମା'ଙ୍କର ପୂର୍ବ ଜୀବନ ଥିଲା ଅଲୌକିକ ଓ ରହସ୍ୟମୟ । ତେବେ ଏ ସଂପର୍କରେ ମା'ନିଜେ କେବେ ଆଲୋଚନା କରିବାକୁ ପସନ୍ଦ କରିନାହାନ୍ତି । ତେବେ ୧୯୨୦ ରେ ସେତେବେଳେ ସେ ଗୋଟିଏ ଚିଠିରେ ଯାହା ଲେଖିଥିଲେ ତା'ର ମର୍ମାନୁବାଦ ଏହିପରି : 'ତୁମେ ଜାଣିବାକୁ ଚାହିଁଥିଲ ଯେ କେତେବେଳେ କେଉଁ ଭାବରେ ମୋର ପ୍ରଥମ ଅବଗତି ହେଲା ଯେ, ଜଗତରେ ବିଶେଷ କେଉଁ ଭଗବତ୍ କର୍ମ ସଂପାଦନ କରିବା ଉଦ୍ଦେଶ୍ୟରେ ମୁଁ ପ୍ରେରିତ ହେଲି ଆଉ ଶ୍ରୀ ଅରବିନ୍ଦଙ୍କ ସଂଧାନ ପାଇଲି.... ତା'ର ସଂକ୍ଷିପ୍ତ ଉ□ର ମୁଁ ଲେଖୁଛି ।' ପ୍ରକୃତରେ ମୋର ଅଭୀଷ୍ଟ କର୍ମ ସଂପର୍କରେ ପ୍ରଥମେ ଜ୍ଞାନ ଅଭ୍ୟୁଦୟ ହେଲା ତାହା ବକ୍ତବ୍ୟରେ ପ୍ରକାଶ କରିବା ଅତି କଠିନ । ମୋର ମନେ ହୁଏ, ଏହି ଚେତନାକୁ ନେଇ ମୁଁ ଜନ୍ମ ଗ୍ରହଣ କରିଥିଲି ଏବଂ କ୍ରମେ ମୋର ମନର ପୂର୍ଣ୍ଣତା ସହିତ ଏହି ଚେତନାର ପରିସ୍ଫୁଟନ ହୋଇ ସ୍ୱୟଂ ସଂପୂର୍ଣ୍ଣ ଅବସ୍ଥାରେ ଉପଗତ ହେଲା । ଏଗାର ବର୍ଷରୁ ତେର ବର୍ଷ ମଧ୍ୟରେ ମୋ ଭିତରେ ଅଦ୍ଭୁତ ଆଧ୍ୟାତ୍ମିକ ଅନୁଭୂତି ଜାଗ୍ରତ ହେଲା । ମୁଁ କେବଳ ଈଶ୍ୱରଙ୍କର ଅସ୍ତିତ୍ୱ ସଂପର୍କରେ ଚେତନାସିକ୍ତ ହେଲି ତା'ନୁହେଁ ବରଂ ଅନୁଭବିଲି ଈଶ୍ୱରଙ୍କ ସହିତ ମଣିଷର ମିଳନ ହେବା ମଧ୍ୟ ସଂଭବ । ମଣିଷର ଚେତନାରେ ଓ କର୍ମରେ ତା'ର ଅଭିବ୍ୟକ୍ତିର ପୂର୍ଣ୍ଣତା ମିଳିବା ମଧ୍ୟ ସଂଭବ । ଦିବ୍ୟ ଜୀବନ ଲାଭ ଦ୍ୱାରା ତାଙ୍କର ଦିବ୍ୟାନୁଭୂତି କେବଳ ନୁହେଁ ତାଙ୍କୁ ପାଇବା ମଧ୍ୟ ସଂଭବ । ଭାରତ ବର୍ଷକୁ ମୁଁ ମୋର ମାତୃଭୂମି ବୋଲି ସର୍ବଦା ଭଲ ପାଇ ଆସିଛି । ୧୯୧୪ ମସିହାରେ ଭାରତକୁ ଆସିବାର ପ୍ରଥମ ସୌଭାଗ୍ୟ ଘଟିଥିଲା । ଶ୍ରୀ ଅରବିନ୍ଦଙ୍କୁ ଦେଖିବା ମାତ୍ରେ ହିଁ ମୁଁ ଚିହ୍ନି ପାରିଲି । ତାଙ୍କୁ ଦେଖିବା ମାତ୍ରେ ମୁଁ ଜାଣିପାରିଲି ଏଇ ହେଉଛନ୍ତି 'ଯାହାଙ୍କୁ ମୁଁ ଏତେଦିନ ଯାଏ ଖୋଜି ଆସିଥିଲି - ଯାହାଙ୍କୁ କୃଷ୍ଣ ବୋଲି ଡାକି ଆସିଛି ।' ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ପଣ୍ଡିଚେରୀ ଆସି



ମହାପ୍ରୟାଣ ଦିବସ

ଆଶ୍ରମ ଜନନୀ ଶ୍ରୀମା ଭାବେ ପରିଚିତ ହେଲି । ୧୯୨୨ ମସିହା ନଭେମ୍ବର ୨୪ ତାରିଖରେ ଶ୍ରୀ ଅରବିନ୍ଦ ଅଧିମାନସ ସିଦ୍ଧିଲାଭ କଲେ । ସେହିଦିନ ଠାରୁ ସେ ଆଶ୍ରମର ସବୁ କିଛି ଦାୟିତ୍ୱ ଶ୍ରୀମା'ଙ୍କୁ ଦେଇ ଅତି ମାନସ ସାଧନାରେ ବ୍ରତୀ ହେଲେ । ସେହିଦିନ ଠାରୁ ମୀରା (ଶ୍ରୀ ଅରବିନ୍ଦଙ୍କ ଦ୍ୱାରା ଦିଆଯାଇଥିବା ନାମ)ରୁ ସମସ୍ତଙ୍କ ପାଖରେ ଶ୍ରୀମା ଭାବେ ପରିଚିତ ହେଲେ । ୧୯୫୦ ଡିସେମ୍ବର ୫ ତାରିଖରେ ଶ୍ରୀ ଅରବିନ୍ଦଙ୍କ ଦେହାବସାନ ଘଟିଲା । ଏହାପରେ ଆଶ୍ରମର ସମସ୍ତ ଦାୟିତ୍ୱ ନ୍ୟସ୍ତ ହେଲା ଶ୍ରୀମା'ଙ୍କ ଉପରେ ଏବଂ ତାଙ୍କରି ମାନସ ସନ୍ତାନ ରୂପେ ଜନ୍ମ ନେଲା 'ଶ୍ରୀ ଅରବିନ୍ଦ ଅନ୍ତର୍ଜାତିକ ଶିକ୍ଷା କେନ୍ଦ୍ର' ୧୯୫୧ ମସିହା ଏପ୍ରିଲ ୨୪ରେ । ୧୯୫୬ ଫେବୃଆରୀ ୨୯ ତାରିଖ ଶ୍ରୀମା'ଙ୍କ ଜୀବନର ପରମଲଗ୍ନ । ପୃଥିବୀ ଇତିହାସରେ ଗୋଟିଏ ଚିରସ୍ମରଣୀୟ ଦିବସ ଯାହାକୁ ପ୍ରତି ଚାରି ବର୍ଷ ଅନ୍ତରରେ ସୁବର୍ଣ୍ଣୋତ୍ସବ ଦିବସ ହିସାବରେ ପାଳନ କରାଯାଉଛି । ୧୯୫୬ ମସିହା ଏପ୍ରିଲ ୪ରେ ମା'ଘୋଷଣା କଲେ 'ପୃଥିବୀ କକ୍ଷରେ ଅତିମାନସର ଆବିର୍ଭାବ ବ□ମାନ କେବଳ ସମ୍ଭାବନା ମାତ୍ର ନୁହେଁ, ତାହା ବାସ୍ତବ ଓ ଜୀବନ୍ତ ରୂପେ ଏଠାକୁ ଓହ୍ଲାଇ ଆସିଛି ।' ବହୁଦିନ ପୂର୍ବରୁ ମା'ଙ୍କ ମନରେ ପରିକଳ୍ପନା ଥିଲା ଗୋଟିଏ ଆଦର୍ଶ ସମାଜ ଗଢ଼ି ତୋଳିବାକୁ, ଯେଉଁଠି ଏକ ନୂତନ ମାନବଜାତିର ଭାଗବତ ବିକାଶ ଘଟିବ । ତା'ର ପରିକଳ୍ପନାର ରୂପାନ୍ତର ହେଲା 'ଅରୋଭିଲ ନଗରୀ ପ୍ରତିଷ୍ଠା' । ଏବଂ ଏହି ନଗରୀର କେନ୍ଦ୍ରରେ ନିର୍ମିତ ହେଲା 'ମାତୃ ମନ୍ଦିର' ଯେଉଁଠି ଏକ ପ୍ରସ୍ତର ଫଳକରେ ମା'ଙ୍କ ବାଣୀ ଉଲ୍ଲିଖିତ ହେଲା । 'ଯେଉଁମାନେ ଭବିଷ୍ୟତ ପରାଜ୍ଞାନକୁ, ଶାନ୍ତି ଓ ସଂହତିକୁ ତ୍ୱରାନ୍ୱିତ କରିବାକୁ ଚାହାନ୍ତି, ଅରୋଭିଲ ସେମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ' । ଶ୍ରୀ ଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଶ୍ରୀମା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳନ ହୋଇଥିଲା । ବିଶ୍ୱ ଚେତନାର ଉ□ରଣ କ୍ଷେତ୍ରରେ ଏହା ଥିଲା ଏକ ମହତ୍ତ୍ୱପୂର୍ଣ୍ଣ ସମୟ । ଏହାପରେ ଶ୍ରୀମା ୧୯୭୩ ନଭେମ୍ବର ୧୭ ତାରିଖରେ ନିଜସ୍ୱ ନିଷ୍ପତି ଅନୁଯାୟୀ ନିଜର ସ୍ଥୁଳ ଶରୀର ତ୍ୟାଗ କରି ଅନ୍ତରାଳକୁ ଯାତ୍ରା କଲେ । ସ୍ଥୁଳ ଶରୀର ତ୍ୟାଗ କରି ମଧ୍ୟ ସୂକ୍ଷ୍ମ ଶରୀରରେ ରହି ସେ ଏ ଜଗତରେ ଆରମ୍ଭ କରିଥିବା ନିଜର ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛନ୍ତି ବୋଲି ଶ୍ରୀ ଅରବିନ୍ଦ ଆଶ୍ରମର ସାଧକମାନେ ନିଜ ନିଜ ଅନୁଭୂତି ଓ ଉପଲବ୍ଧିରୁ ପ୍ରକାଶ କରୁଛନ୍ତି । ଆଜି କେବଳ ଓଡ଼ିଶା ବା ଭାରତ ନୁହେଁ ସମଗ୍ର ପୃଥିବୀରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅନୁଗାମୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । ଦିବ୍ୟମୟୀ ଶ୍ରୀମା ଆଜି ଧରାଧାମରେ ମାନବ ଶରୀରରେ ନଥିଲେ ବି ସେ ଆଧ୍ୟାତ୍ମିକ ଚେତନାରେ ସମସ୍ତଙ୍କ ଉପରେ କୃପା ବର୍ଷଣ କରୁଛନ୍ତି । ସମସ୍ତେ ଯିଏ ଯେଉଁଠି ବା ଯେଉଁକ୍ଷେତ୍ରରେ ବି ଶ୍ରୀମାଙ୍କ ଆଶୀର୍ବାଦ କାମନା କରୁଛନ୍ତି ସେମାନେ ନିଜ ନିଜ ସ୍ତରରେ ମାଆଙ୍କ କୃପା ପାଉଛନ୍ତି । ଆଜି ପବିତ୍ର ସିଦ୍ଧି ଦିବସ ଅବସରରେ ସେହି ଦିବ୍ୟମୟୀ ମାଆଙ୍କ କୃପା ସମସ୍ତଙ୍କ ଉପରେ ବର୍ଷଣ ହେଉ ଏହା ହିଁ କାମନା ।

## ମହାପ୍ରୟାଣତିଥି ଅବସରରେ

# ଅକ୍ଷୟ ମହାନ୍ତି

◆ନାଟ୍ୟ ସାରଥି ଅଭୟ କୁମାର ଦାସ



ଆଧୁନିକ ଓଡ଼ିଆ ଓ ସୁଗମ ସଙ୍ଗୀତର ଜନ୍ମଦାତା ଥିଲେ ଅକ୍ଷୟ ମହାନ୍ତିଙ୍କ । ଖୋକା ଭାଇ ନାମ ର ପରିଚିତ ଅକ୍ଷୟ ଏକାଧାରରେ ଜଣେ ଗାୟକ, ସଙ୍ଗୀତଜ୍ଞ, ଗୀତିକାର, ଗାଳ୍ପିକ, ଔପନ୍ୟାସିକ ଓ ଭ୍ରମଣ କାହାଣୀ ଲେଖକ । ସେ ଓଡ଼ିଆ କଥାଚିତ୍ର ଓ ପଲ୍ଲୀ ଗୀତରେ ମଧ୍ୟ କଣ୍ଠଦାନ କରିଛନ୍ତି । ଓଡ଼ିଶାର ଅନେକ ଲୋକକଥା ଓ ଗୀତକୁ ନେଇ ସଙ୍ଗୀତ ସଂଯୋଜନା କରିଛନ୍ତି ଖୋକା ଭାଇ । ପୂର୍ବର କେନ୍ଦ୍ରାପଡ଼ା ଓ ଏବେର କଟକ ଜିଲ୍ଲାର ବାଙ୍କିମୁଣ୍ଡେଇ ଗାଁରେ ବାପା ବିଚିତ୍ରାନନ୍ଦ ମହାନ୍ତି ଓ ମା'ସବୁର୍ଣ୍ଣ ମଞ୍ଜରୀ ଦେବୀଙ୍କ ଠାରୁ ୧୨ ଅକ୍ଟୋବର ୧୯୩୭ରେ ଜନ୍ମ ଗ୍ରହଣ କରିଥିଲେ । ଅକ୍ଷୟ ଆନୁଷ୍ଠାନିକ ଭାବେ ସଙ୍ଗୀତ ଶିକ୍ଷା କରିନଥିଲେ । ୨୨ ବର୍ଷ ବୟସରେ ସେ କଟକ ଆକାଶବାଣୀ ଠାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ, ହେଲେ ସାତ ବର୍ଷ ପରେ ଚାକିରି ଛାଡ଼ି ସବୁ ସମୟ ସଙ୍ଗୀତ ପାଇଁ ଉତ୍ସର୍ଗ କରିଥିଲେ । ଅକ୍ଷୟ ୧୯୬୭ରେ ପ୍ରବୀଣା ମହାନ୍ତିଙ୍କୁ ବିବାହ କରିଥିଲେ । ତାଙ୍କର ଦୁଇ ଜଣ ପୁଅ ଓ ଦୁଇ ଝିଅ ଅଛନ୍ତି । ୧୯୪୮ରେ ପ୍ରଥମ ଥର ଆକାଶବାଣୀର ପ୍ରତିଷ୍ଠା ଦିବସରେ ଶିଶୁ ଶିଳ୍ପୀ ଭାବେ ଅଂଶ ଗ୍ରହଣ କରିଥିଲେ ଖୋକାଭାଇ । ୧୯୫୯ରେ ମା'ଫିଲ୍ମରେ 'ଗୋରି ଗୋରି ଗୋରି' ଥିଲା ତାଙ୍କର ପ୍ରଥମ ପ୍ରଚ୍ଛଦପଟ୍ଟ ଗୀତ । ସେ ମୋଟ ୧୨୯ଟି ଫିଲ୍ମରେ କଣ୍ଠଦାନ କରିଛନ୍ତି । ୧୯୬୫ରେ ନିର୍ଦ୍ଦେଶକ ନିତାଇ ପାଲିତଙ୍କ ମଲାଜହ୍ନ ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ଅକ୍ଷୟ ମହାନ୍ତି ୭୫ଟି ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ୯୨ଟି ଗୀତିକାର । ସାଲବେଗଙ୍କ ରଚନା 'କେନି ଘେନି ଯାଉଛ ଜଗନ୍ନାଥଙ୍କୁ' ମାଧ୍ୟମରେ ସେ ଓଡ଼ିଆ ଭଜନରେ ନୂଆ ଧାରା ଆରମ୍ଭ କରିଥିଲେ । ସେ ତିନିଟି ଫିଲ୍ମରେ ଅଭିନୟ ଓ ଗୋଟିଏର ନିର୍ଦ୍ଦେଶନା ଦେଇଛନ୍ତି । ୧୭ ନଭେମ୍ବର ୨୦୦୨ରେ ଓଡ଼ିଆ ସିନେମା ଜଗତର ଏହି ଅମ୍ଲାନ ପ୍ରତିଭାଙ୍କର ଦେହାବସାନ ଘଟିଥିଲା

*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# 'ୱେଟହୁଡ୍' ଲକ୍ଷଣ

◆ ଡାକ୍ତର ସମ୍ରାଟ କର

ବାହାଘର ଋତୁ ଆସିଲାଣି । ପିଲାମାନଙ୍କ ପାଠପଢ଼ା ଶେଷ ଏବଂ ଚାକିରି ମିଳିଯିବା ପରେ ବାପା, ମା'ତୁରନ୍ତ ସେମାନଙ୍କ ବାହାଘର କରାଇଦେବାକୁ ଚିନ୍ତା କରନ୍ତି । ତେବେ ମନ ପସନ୍ଦର ପାତ୍ର ବା ପାତ୍ରୀ ମିଳିବା ଯେତିକି କଠିନ, ପୁଅ କି ଝିଅଙ୍କୁ ବାହାଘର ପାଇଁ ରାଜି କରାଇବା ମଧ୍ୟ ଏବେ ତା'ଠାରୁ ଅଧିକ କଷ୍ଟକର ହୋଇପଡ଼ିଲାଣି । ଆଉ କିଛିଦିନ ଯାଉ କହି କହି ସେମାନେ କେବଳ ସମୟ ଗଡ଼ାଇ ଚାଲୁଛନ୍ତି । ଯୁବପିଢ଼ିଙ୍କର ଏପରି କାର୍ଯ୍ୟକୁ ଇଂରାଜୀରେ ନାମକରଣ କରାଯାଇଛି 'ୱେଟହୁଡ୍' । ଏଥିପାଇଁ ମୁଖ୍ୟତଃ ଚାରୋଟି କାରଣକୁ ଦାୟୀ କରାଯାଉଛି । ଏବେକାର ଯୁବପିଢ଼ି ପରିବାରର ଦାୟିତ୍ୱ ନେବାକୁ ପ୍ରସ୍ତୁତ ହୋଇପାରୁ ନାହାଁନ୍ତି । ବିଶେଷକରି ଝିଅମାନେ ଶାଶୁ-ଶ୍ୱଶୁର ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ସହ ଖାପଖୁଆଇ ଚଳିବା ଲାଗି ମନ ସ୍ଥିର କରିପାରୁନାହାନ୍ତି । ତେଣୁ ପୁଅ ଏବଂ ଝିଅ ଉଭୟ ନିଜ ସ୍ୱପ୍ନ (ପାଠପଢ଼ା, ଚାକିରି ଏବଂ ଅର୍ଥ ରୋଜଗାର)ର ଆଳ ଦେଖାଇ ବିବାହ ତାରିଖ ଗଡ଼ାଇ ଚାଲନ୍ତି । ଏପରି କୌଣସି ଘର ନଥିବ, ଯେଉଁଠି ପିତାମାତାଙ୍କ ମଧ୍ୟରେ ମତାନ୍ତର, ମନାନ୍ତର ହେଉ ନଥିବ । ଅବଶ୍ୟ କେଉଁଠି ଅଧିକ ତ କେଉଁଠି କମ୍ । କେତେକ କ୍ଷେତ୍ରରେ ବିବାହ ବିଚ୍ଛେଦ ହେଉଥିବା ମଧ୍ୟ ଦେଖାଯାଉଛି । ପିତାମାତାଙ୍କ ସମ୍ପର୍କର ଏପରି ସ୍ଥିତି ମଧ୍ୟ ଯୁବପିଢ଼ି ବିବାହ ଠାରୁ ଦୂରେଇ ରହିବାର ଅନ୍ୟତମ କାରଣ । ଏବେକାର ସମାଜରେ ପ୍ରେମ ହେଉ କି ପ୍ରସ୍ତାବିତ ବିବାହାରେ ବିଚ୍ଛେଦ ହେବା ଏକ ସାଧାରଣ ଦୃଶ୍ୟ ହୋଇଗଲାଣି । କେହି କାହା ସହିତ ସାମାନ୍ୟ ବୁଝାମଣା କରି ବୈବାହିକ ଜୀବନ ଆଗେଇନେବାର ପ୍ରୟାସ କରିବା ବି କଷ୍ଟକର ହୋଇଯାଉଥିବା ଦେଖାଯାଏ । ପରିବାର ଏବଂ ବନ୍ଧୁ ମହଲରେ ଏଭଳି ଘଟଣା, ପ୍ରତ୍ୟକ୍ଷଦର୍ଶୀ ହେଉଥିବା ଯୁବପିଢ଼ିଙ୍କ ମନରେ ବି ବିବାହ ପ୍ରତି ନକାରାତ୍ମକ ଭାବ ଆଣୁଛି । ଆଜିକାର ଯୁବପିଢ଼ି ଏକ ସ୍ୱଚ୍ଛନ୍ଦ ଜୀବନ ପସନ୍ଦ କରନ୍ତି । ସେମାନଙ୍କର ଏକ ଧାରଣା ହେଉଛି ଯେ ବାହାଘର ପରେ ସ୍ୱାଧୀନତା ଚାଲିଯିବ । ତେଣୁ ସ୍ୱାଧୀନତାକୁ ହରାଇବାର ଭୟ ସହ ମୁକ୍ତ ରହି ବଡ଼ ବଡ଼ ସ୍ୱପ୍ନ ପୂରଣ କରିବାର ଇଚ୍ଛା ସେମାନଙ୍କୁ ବିବାହ ଠାରୁ ଦୂରେଇ ଆଣୁଛି । ଏସବୁ ନକାରାତ୍ମକ ଘଟଣା ସତ୍ତ୍ୱେ ଜୀବନକୁ ସକାରାତ୍ମକ ଦିଗରୁ ଦେଖିବା ମଧ୍ୟ ଜରୁରୀ । ଏହା ଧାର୍ଯ୍ୟ ନୁହେଁ ଯେ ପ୍ରତ୍ୟେକ ବୈବାହିକ ଜୀବନରେ କେବଳ ନକାରାତ୍ମକ ହିଁ ଦେଖାଯିବ । ଜୀବନକୁ ସୁନ୍ଦର କରିବା ନିଜ ହାତରେ ରହିଛି । ଜୀବନର ପ୍ରତିଟି ମୋଡ଼ରେ ପ୍ରତ୍ୟେକ ଆହ୍ୱାନ ସ୍ୱୀକାର କରିବାକୁ ହିଁ ହେବ । ୱେଟ୍‌ହୁଡ୍ ଶବ୍ଦଟିକୁ ନେଇ ଅନେକ ଚର୍ଚ୍ଚା ହେଉଥିବାବେଳେ ଆସନ୍ତୁ ଏହା ଉପରେ ଟିକେ ଜାଣିବା । ୨୦୦୭ ମସିହା ଶେଷ ବେଳକୁ ୱାଶିଂଟନ୍‌ସ୍ଥିତ ଏକ ଆମେରିକୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡାଏନେ ସିଙ୍ଗରମାନ ଏହି ଶବ୍ଦଟିକୁ ସୃଷ୍ଟି କରିଥିଲେ । ସେ ମଧ୍ୟପ୍ରାଚ୍ୟର ଯୁବପିଢ଼ିଙ୍କ ଉପରେ ଗବେଷଣା କରୁଥିବା ବେଳେ ଏହି ଶବ୍ଦର ଆବିଷ୍କାର ହୋଇଥିଲା । ବିଶେଷକରି ବିକଶିତ ଦେଶର ଯୁବପିଢ଼ି, ଯେଉଁମାନଙ୍କ ନିକଟରେ ଶିକ୍ଷା ବ୍ୟବସ୍ଥା ଉପଲବ୍ଧ ସେମାନଙ୍କ ଠାରେ ଏହି ଲକ୍ଷଣ ଦେଖାଯାଉଥିବା ପ୍ରକାଶ କରିଥିଲେ ଡାଏନେ । ସମାଜବିଜ୍ଞାନ ଦୃଷ୍ଟିରୁ ଲକ୍ଷ୍ୟ କଲେ ଏହା ଆଧୁନିକ ସମାଜ ପରବର୍ତୀ ସ୍ଥିତିର ଏକ ଲକ୍ଷଣ ବୋଲି କୁହାଯାଇପାରେ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ : ୯୧୩୨୪୩୩୩୩୩*

## ଏମିତି ଏ ଛାଡ଼ଖାଇ

◆ରାମଚନ୍ଦ୍ର ବେହେରା

ମହା କାର୍ତିକର ରାଜୁତି ସରିଲେ
ଆସେ ପୂଣ୍ୟ ମଗୁଶିର
ଛାଡଖାଇ ପ୍ରଥା ପାଳନ୍ତି ସଭିଏଁ
ଆମିଷ କରି ଆହାର ।
ପୁଣ୍ୟ କାର୍ତିକର ଧରମ ନୀତିକୁ
ଭୁଲନ୍ତି ରାଇଜ ବାସୀ
ଅସୁର ସ୍ୱଭାବ ହୃଦୟରେ ଭରି
ମାଂସ ଭକ୍ଷେ ହସି ହସି ।
ଜହ୍ଲାଦ ଭାବର ଅମଣିଷ ପଣ
ମନେ ଯାଏ ତାର ଭରି
ମାସକ ଧରମ ଭୁଲିଯାଏ ସିଏ
ଅଧର୍ମ ପଥକୁ ଧରି ।
ଦେଖାଣିଆ ଧର୍ମ ଧୀରେ ଛୁପିଯାଏ
ନିରୀହ ଜୀବନ ଯାଏ
ପଶୁ ପକ୍ଷୀଂକର ଆକୁଳ କ୍ରନ୍ଦନ
ଚଉଦିଗେ ଶୁଭୁଥାଏ ।
ଜୀବ ହତ୍ୟା କରି ଧରମ ପାଳିବା
ନବୁହେ ଆମ ସଂସ୍କୃତି
ଜୀବନର ମୂଲ୍ୟ ବୁଝ ସୁଧିଜନେ
ମାନି ସତ୍ୟ ଧର୍ମ ନୀତି ।
ଜିହ୍ୱା ଲାଳସାର କ୍ଷୁଧା ପାଇଁ ବନ୍ଧୁ
ଜୀବେ ନକର ଅହିତ
ଜୀବନଟା ପରା କୋଟି ପୂଣ୍ୟ ଫଳ
ମାନବ ନିମିତ ମାତ୍ର ।
ପ୍ରଭୁ ଜନ୍ମଦାତା ପ୍ରଭୁ ମୋକ୍ଷଦାତା
ନମଣ ନିଜକୁ ବଡ
ଧର୍ମ ଦୁନିଆଁରୁ କ୍ରୁରତା ଦୂରେଇ
ଅହିଂସା ସଂସାର ଗଢ ।

*ତେନ୍ତୁଳିପଦା,ଜଗତସିଂହପୁର-
ମୋ-୭୩୫୫୬୩୫୩୪୬*

# ଗୋମାତା ଓ ଗୋମୟ



ହିନ୍ଦୁ ସଂସ୍କୃତିରେ ଗୋମାତାକୁ ଆମେ ଜୀବନ୍ତ ଦେବତା ରୂପେ ଗ୍ରହଣ କରିଥାଉ । ଅର୍ଥାତ୍ ଶାସ୍ତ୍ରରେ କୁହାଯାଇଛି - "*ମାତରଃ ସର୍ବଭୂତାନାଂ-ଗାବଃ ସର୍ବସୁଖପ୍ରଦ ।*" ଯାହାର ଅର୍ଥ ହେଉଛି ଗାଈ ସମସ୍ତ ପ୍ରାଣୀଙ୍କର ମାତା ସ୍ୱରୂପା ଏବଂ ସର୍ବସୁଖ ପ୍ରଦାନକାରିଣୀ ଅଟନ୍ତି । ଘରେ ଦେବତା ମାନଙ୍କୁ ପୂଜା ନକଲେ ମଧ୍ୟ ଯଦି ଘରେ ଗାଈଟିଏ ଥିବ ଏବଂ ତା'ର ସମସ୍ତ ଯତ୍ନ କରାଯିବ ତାହାଲେ ଆମେ ଯେଉଁ ପୂଣ୍ୟ ଫଳ ପାଇ ପାରିବା ହୁଏତ ପୂଜା କଲେ ସେତିକି ଫଳ ମିଳି ପାରିବ ନାହିଁ । ୩୩ କୋଟି ଦେବତା ଗୋମାତାଙ୍କ ଦେହରେ ରହିଛନ୍ତି । ଗାଈ ହେଉଛି ମହାଲକ୍ଷ୍ମୀ ସ୍ୱରୂପିଣୀ । ଗୋମାତାଙ୍କର ସବୁ କିଛି ପବିତ୍ର ଅର୍ଥାତ୍- ଗୋମୂତ୍ର ଓ ଗୋମୟ । ଗୋମୂତ୍ର ଯଦି ପ୍ରତ୍ୟେକ ଦିନ ପାନ କରାଯାଏ ତାହାଲେ ଶ୍ୱାସ ରୋଗ ସହ କଫ଼ା ଜନିତ ରୋଗ ମଧ୍ୟ ଭଲ ହୋଇଥାଏ । ଏହାଛଡ଼ା ଗୋବର ପାଣିରେ ଘରଦ୍ୱାର ଲିପା ପୋଛା ହେବା ଦ୍ୱାରା ଯାବତୀୟ ଜୀବାଣୁ ମଧ୍ୟ ଲୋପ ପାଇଥାଏ ଏବଂ ଗୃହରେ ପବିତ୍ର ବାତାବରଣ ଦେଖାଦିଏ । ଏହା କରିବା ଦ୍ୱାରା ମଧ୍ୟ ବାସ୍ତୁଦୋଷ ନିରାକରଣ ହୋଇଥାଏ । ଗୋସେବା, ଗୋପୂଜା କରିବା ଦ୍ୱାରା ଘରେ ଏବଂ ଘରର ମୁଖ୍ୟଙ୍କର ଅନେକ ଅଶୁଭତ୍ୱ ଦୂର ହୋଇଥାଏ । ଗୋବରରେ ଘସି କରି ତାହା ଜାଳି ଆମେ ଯଦି ରୋଷେଇ କରିବା ତାହାଲେ ଖାଦ୍ୟ ସ୍ୱାଦିଷ୍ଟ ହେବା ସହ ବାତାବରଣ ମଧ୍ୟ ପରିସ୍କୃତ ହୋଇଥାଏ । ଅର୍ଥାତ୍ ଗୋବରରେ ଥିବା କୀଟନାଶକ ତତ୍ତ୍ୱ ଯଥା- ଫସଫରସ, ନାଇଟ୍ରୋଜେନ, ଲାଇମ, ପଟାସ, ମାଙ୍ଗାନିଜ, ଲୌହ, ସିଲିକନ, ଆଲୁମିନିୟମ, ସଲଫର, ଆୟୋଡ଼ିନ, କୋବାଲ୍ଟ ଆଦି ପ୍ରଚୁର ମାତ୍ରାରେ ରହିଛି । ଏଥିରେ ବହୁ ପରିମାଣରେ ଖଣିଜ ପଦାର୍ଥ ଥିବାରୁ ମାଟିର ଉତ୍ପାଦନ କ୍ଷମତା ବଢ଼ାଇଥାଏ । ସମସ୍ତ ମାଙ୍ଗଳିକ ଏବଂ ମଣିଷ ମୃତ୍ୟୁ ପରେ ଶବ ନେବା ପରେ ଗୋମୟରେ ଲିପାପୋଛ କରି ପବିତ୍ରତା ଅଣାଯାଇଥାଏ । ତେଣୁ ଗୋମାତାର ପୂତାବିଧି ଓ ଗୋମୟକୁ ଲକ୍ଷ୍ମୀଙ୍କ ମାଧ୍ୟମ ରୂପେ ଗ୍ରହଣ କରାଯାଇଥାଏ । ଆଜିର ଦିନରେ ରକ୍ଷାସୂତ୍ର ଅକ୍ଷତ, ଚନ୍ଦନ, ସିନ୍ଦୁର ଦେଇ ବନ୍ଦାପନା କରାଯାଇ ସୂତାବାନ୍ଧି ଗାଈର ମଙ୍ଗଳକାମନା କରାଯିବାର ଏହା ଏକ ଅନନ୍ୟ ବିଧି ଓ ପରଂପରା ।

## ଧର୍ମ

# ମନ୍ତ୍ର ଯୋଗ : ମନନ ତ୍ରାଣ ଧର୍ମାଣୋ ମନ୍ତ୍ରଃ

◆ ଡାକ୍ତର ଅର୍ଚ୍ଚନା ମିଶ୍ର

ମନ୍ତ୍ର ସମ୍ପର୍କରେ ସବୁକଥା ଆମ ପ୍ରଣୀତ ମନ୍ତ୍ର ବିଜ୍ଞାନରେ ଆଲୋଚିତ ହୋଇଛି । ମନନାତ୍ ତ୍ରାୟତେ ଇତି ମନ୍ତ୍ର । ଅର୍ଥାତ୍ ଯାହା ମନ ମଧ୍ୟରେ ସବୁବେଳେ ଭାବି ଚାଲିଲେ ଜନ୍ମମୃତ୍ୟୁର ଚକ୍ରରୁ ରକ୍ଷା ମିଳେ, ତାହା ହିଁ ମନ୍ତ୍ର । ମନ୍ତ୍ର ଯିଏ ଦେବତା ସିଏ । ଈଶ୍ୱର ଈଶ୍ୱରୀଙ୍କର ବିଭିନ୍ନ ନାମ ମଧ୍ୟ ମନ୍ତ୍ର । ବୈଦିକ ମନ୍ତ୍ରଠାରୁ ଶାବର ମନ୍ତ୍ର ଯାଏ ବିଭିନ୍ନ ପ୍ରକାର ମନ୍ତ୍ର ରହିଛି । ସେ ସବୁ ମନ୍ତ୍ର ଏକ ଏକ ଦିବ୍ୟଶକ୍ତି । ମନ୍ତ୍ର ଓ ତାହାର ଅଧିଷ୍ଠାତ୍ରୀ ଦେବୀ ବା ଦେବତା ଏକ । ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - ମନ୍ତ୍ରଯୋଗ ହେଉଛି ଏକ ବାସ୍ତବ ବିଜ୍ଞାନ । ଶ୍ରଦ୍ଧା, ଭକ୍ତି ଓ ପବିତ୍ରତାର ସହିତ ସତତ ମନ୍ତ୍ର ଜପ କଲେ ସାଧକଙ୍କର ଶକ୍ତି ବୃଦ୍ଧି ପାଏ, ସୁପ୍ତ ଚୈତନ୍ୟର ଜାଗରଣ ହୁଏ ଓ ମନ୍ତ୍ର ସିଦ୍ଧି ଲାଭ ହୁଏ । ସାଧକ ଜ୍ଞାନ, ମୁକ୍ତି, ଶାନ୍ତି, ଶାଶ୍ୱତ ଆନନ୍ଦ ଏବଂ ଅମୃତତ୍ୱ ଲାଭ କରନ୍ତି । ସବୁବେଳେ କୌଣସି ଏକ ମନ୍ତ୍ର ଜପ କଲେ ସାଧକ ମନ୍ତ୍ରର ଅଧିଷ୍ଠାତା ଦେବତାଙ୍କର ଗୁଣ ଓ ଶକ୍ତି ଲାଭ କରନ୍ତି । ମନ ଏବଂ ଶରୀର ଉପରେ ତାର ଅଦ୍ଭୁତ ପ୍ରଭାବ ପରିଲକ୍ଷିତ ହୁଏ । ଗୋଟିଏ ମନ୍ତ୍ରକୁ ପ୍ରତ୍ୟହ ନିର୍ଦ୍ଧିଷ୍ଟ ସଂଖ୍ୟାରେ ଜପ କରିବା ଦ୍ୱାରା ତାହାର ପ୍ରଭାବ ରୋଗ ନିଦାନକାରୀ ଔଷଧ ପରି କାମ କରେ ।ଗାୟତ୍ରୀ ବା ପ୍ରଣବ ଓଁ ବା ଓଁ ନମଃ ଶିବାୟ, ଓଁ ନମୋ ନାରାୟଣାୟ, ଓଁ ନମୋ ଭଗବତେ ବାସୁଦେବାୟ - ଏ ଭିତରୁ ଯେ କୌଣସି ମନ୍ତ୍ର ଭାବ ଓ ଭକ୍ତିର ସହିତ ୧୧/୪ ଲକ୍ଷଥର ଜପ କଲେ ଜଣେ ମନ୍ତ୍ରରେ ସିଦ୍ଧିଲାଭ କରେ । 'ଓଁ ସୋଽହମ୍', 'ଶିବୋଽହମ୍', 'ଅହଂ ବ୍ରହ୍ମସି' - ଏସବୁ ହେଉଛି ମୋକ୍ଷ ମନ୍ତ୍ର । ଏସବୁ ଜଣକୁ ଆତ୍ମସାକ୍ଷାତ୍କାରରେ ସାହାଯ୍ୟ ପ୍ରଦାନ କରେ । ମହାମୃତ୍ୟୁଞ୍ଜୟ ମନ୍ତ୍ର ଆକସ୍ମିକ ଦୁର୍ଘଟଣା ଏବଂ ଅସାଧ୍ୟ ରୋଗ ଦୂର କରି ଦୀର୍ଘାୟୁ ଓ ଅମରତ୍ୱ ପ୍ରଦାନ କରେ । ଏହା ମଧ୍ୟ ଏକ ମୋକ୍ଷ ମନ୍ତ୍ର ଅଟେ । ମନ୍ତ୍ର ଦ୍ୱାରା ପୁରାତନ ଅସାଧ୍ୟ ରୋଗୀ ମଧ୍ୟ ଆରୋଗ୍ୟ ଲାଭ କରିପାରିବେ । ମନ୍ତ୍ରୋଚ୍ଚାରଣ ବା ଜପ, ଶକ୍ତିଶାଳୀ ଆଧ୍ୟାତ୍ମିକ ତରଙ୍ଗ ବା ଦିବ୍ୟ ସ୍ପନ୍ଦନ ଉତ୍ପନ୍ନ କରେ । ସେଗୁଡ଼ିକ ରୋଗୀର ସ୍ଥୁଳ ଓ ସୂକ୍ଷ୍ମ ଶରୀରରେ ପ୍ରବେଶ କରି କଷ୍ଟ ଯନ୍ତ୍ରଣାରେ ମୂଳ କାରଣକୁ ଦୂର କରି ଦିଅନ୍ତି । ଜୀବକୋଷ ଗୁଡ଼ିକୁ ଶୁଦ୍ଧ ସ□ରେ ପୂର୍ଣ୍ଣ କରିଦିଅନ୍ତି । ରୋଗ ଜୀବାଣୁଗୁଡ଼ିକୁ ନଷ୍ଟ କରିଦିଅନ୍ତି ଓ ଜୀବକୋଷ ଗୁଡ଼ିକୁ ଶକ୍ତି ପ୍ରଦାନ କରନ୍ତି । ଆଧ୍ୟାତ୍ମିକ ତରଙ୍ଗ ହେଉଛି ସର୍ବୋ□ମ ଜୀବାଣୁନାଶକ ଶକ୍ତି । ତାହା ଅଲଟ୍ରା ଭାୟୋଲେଟେ କିରଣ ଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ । ଯେଉଁମାନେ ରୋଗରୁ ଆରୋଗ୍ୟ ହେବା ପାଇଁ ମନ୍ତ୍ର ଜପ କରିବେ ସେମାନେ ପେଟ ଖାଲିଥିବା ଅବସ୍ଥାରେ ସକାଳ ସନ୍ଧ୍ୟାରେ ନିୟମିତ ରୂପେ ଚାଳିଶ ଦିନ ପର୍ଯ୍ୟନ୍ତ ମନ୍ତ୍ର ଜପ କରିବା ବିଧେୟ । ଏହି ସମୟରେ ବ୍ରହ୍ମଚର୍ଯ୍ୟ ପାଳନ କରିବା, ଦୁଗ୍ଧାହାର, ଫଳାହାର କରିବା ବା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଉଚିତ । ଶୀଘ୍ର ଆଧ୍ୟାତ୍ମିକ ଉନ୍ନତି ଲାଭ ପାଇଁ ନିର୍ଦ୍ଧାରିତ ସଂଖ୍ୟାରେ କୌଣସି ମନ୍ତ୍ର ଜପ କରିବାକୁ ପୁରଶ୍ଚରଣ କରାଯାଏ । ଧାରାବାହିକ ମନ୍ତ୍ର ପୁରଶ୍ଚରଣ ଦ୍ୱାରା ମୋକ୍ଷ ଲାଭ ହୁଏ । ମନ୍ତ୍ରର ଅର୍ଥ ହେଉଛି - 'ମନନ ତ୍ରାଣ ଧର୍ମାଣୋ ମନ୍ତ୍ରଃ ।' ମନ୍ତ୍ରାର୍ଥ ମଞ୍ଜରୀରେ ଏହି ସୂତ୍ରରେ ମନ୍ତ୍ରର ସମସ୍ତ ଜ୍ଞାନ-ବିଜ୍ଞାନ ସନ୍ନିହିତ । ଶ୍ରଦ୍ଧା ଏବଂ ନିଷ୍ଠା ସହିତ ମନ୍ତ୍ରର ମନନ ଏବଂ ଚିନ୍ତନ ଦ୍ୱାରା ପରମାତ୍ମାଙ୍କ ସିଂହାସନ ଟଳମଳ ହୋଇଯାଏ ଏବଂ ସେ ପ୍ରକଟ ହୋଇଥାନ୍ତି । ଏହା ଦୁର୍ବଳତା ଏବଂ ଅଭାବକୁ ଦୂର କରି ମୁକ୍ତିର ପଥ ପ୍ରଶସ୍ତ କରିଥାଏ । ମନ୍ତ୍ର ଦ୍ୱାରା ଏକ ଦିଗରେ ଭୌତିକ ସୁଖସମ୍ପଦ ମିଳେ ଏବଂ ଅନ୍ୟ ଦିଗରେ ଆତ୍ମିକ ସମୃଦ୍ଧିର ଲାଭ ମଧ୍ୟ ମିଳିଥାଏ । ଏହା ଲୌକିକ ବିଜ୍ଞାନ ଏବଂ ଆତ୍ମିକଜ୍ଞାନର ଅମୋଘ ସାଧନ ଅଟେ । ମନ୍ତ୍ରରେ ଜଣେ ନିଜର ଇଷ୍ଟ ବା ଗୁରୁଙ୍କର ମନନ ବା ଧ୍ୟାନ କରିଥାଏ । ସେ ଯେଉଁ ମନ୍ତ୍ରର ସାଧନା କରନ୍ତି ସେହି ମନ୍ତ୍ରର ଗୁଣ, ଧର୍ମ ଅନୁରୂପ ତାଙ୍କର ବୃତି ହୋଇଥାଏ । ମନ୍ତ୍ର ଜପ କେବଳ ଜିହ୍ୱାର ପ୍ରକ୍ରିୟା ନୁହେଁ । ମନ୍ତ୍ର ଜପରେ ହୃଦୟର ଭାବନା ସମନ୍ୱିତ ନହେଲେ ଜିହ୍ୱା ଦ୍ୱାରା ଉଚ୍ଚାରଣ କରାଯାଉଥିବା ମନ୍ତ୍ର ଆଶାଜନକ ପ୍ରଭାବ ଉତ୍ପନ୍ନ କରି ପାରେ ନାହିଁ । ପ୍ରତ୍ୟେକ ମନ୍ତ୍ରରେ 'ଅ' କାରରୁ 'କ୍ଷ' କାରନ୍ତ ପର୍ଯ୍ୟନ୍ତ ମାତୃକା ରୂପେ ସଜ୍ଜିତା । ତେଣୁ ଜଣେ ସାଧକ ବା ମନ୍ତ୍ର ଅଭ୍ୟାସ କରୁଥିବା ବ୍ୟକ୍ତି ଯେକୌଣସି ମନ୍ତ୍ରକୁ ଯଥାଯଥ ଭାବରେ ସାଧନ କରିବାର ଲକ୍ଷ୍ୟ ଚରମରେ ପରାଶକ୍ତି ସାହାଯ୍ୟରେ ବ୍ରହ୍ମପ୍ରାପ୍ତି ହୁଏ ।

*ସହକାରୀ ପ୍ରଫେସର, ଶରୀରତତ୍ତ୍ୱ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*





# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ସମାରୋହ

ଭବାନୀପାଟଣା : (ନିପ୍ର) କଳାହାଣ୍ଡି ଜିଲ୍ଲା ସ୍ତରୀୟ ଜନଜାତୀୟ ଗୌରବ ଦିବସ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସାମୁଣ୍ଡା ଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନର ଅବସରରେ ଜିଲ୍ଲା ପ୍ରଶାସନ, ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଆନୁକୁଲ୍ୟରେ ଶ୍ରୀ ପାଓ୍ୱାର ସଚିନ ପ୍ରକାଶ ଜିଲ୍ଲାପାଳ କଳାହାଣ୍ଡି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ଓଡିଶା ସରକାର, ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦର୍ଶନୀ ମେଳା ର ଶୁଭ ଉଦ୍ଘାଟନ କରି ଷ୍ଟଲ୍ ପରିଦର୍ଶନ କରିଥିଲେ । ସଭା ମଂଚରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଙ୍କ ଦ୍ୱାର କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ, ଭଗବାନ ବିର୍ସାମୁଣ୍ଡା ଙ୍କ ଫୋଟ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଜିଲ୍ଲପାଳ ପାଓ୍ୱାର ସଚିନ ପ୍ରକାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଜନଜାତୀୟ ଗୌରବ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କର ଅଭିଭାଷଣ ରେ ଜନଜାତୀୟ ଗୌରବ ଦିବସ ପାଳନ ସମ୍ପର୍କରେ ଉଲ୍ଲେଖ କରି ନିଜ ମାଟି ମା, ଦେଶ ପାଇଁ ଇଂରେଜ ସରକାର ବିରୋଧରେ ବଳିଷ୍ଠ ନେତୃତ୍ୱ ନେଇ ଲଢେଇ କରି ଦେଶମାତୃକା ପାଇଁ ଯୁବାବସ୍ଥା ରେ ଉଲ୍ଲେଖନିୟ



କାର୍ଯ୍ୟ କରି ନିଜ ଜୀବନକୁ ଉତ୍ସର୍ଗ କରି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯାଇଥିବା ସହିଦ୍ ବିର୍ସାମୁଣ୍ଡା ଙ୍କ ଆଦର୍ଶ ଆତ୍ମଜୀବନୀ ଉପରେ ଆଲୋକପାତ କରି ଜନଜାତି ସମ୍ପ୍ରଦାୟର ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ କଳାହାଣ୍ଡି ଶ୍ରୀମତୀ ମାଳବିକା ଦେବୀ, ମାନ୍ୟବର ବିଧାୟକ ଧର୍ମଗଡ଼ ଶ୍ରୀ ସୁଧୀର ପାଟଯୋଷୀ,ବି ଜି ପି ଜିଲ୍ଲା ସଭାପତି ଶ୍ରୀ ଆର୍ତତ୍ରାଣ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ ଯୋଗଦେଇ ଜନଜାତୀୟ ଗୌରବ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଙ୍କ ଦ୍ୱାର ଓପି ଏସ୍, ପରୀକ୍ଷାରେ ସଫଳତା ପାଇଥିବା ଜିଲ୍ଲାର ଜନଜାତି ସମ୍ପ୍ରଦାୟର ମେଧାବୀ ଯୁବକ ଯୁବତୀ ମାନଙ୍କୁ ଏବଂ ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗୀତା ରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଯୋଗ୍ୟ ହିତାଧିକାରୀ ଙ୍କୁ ଜଙ୍ଗଲ ଜମି ପଟ୍ଟା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା ହିତାଧିକାରୀଙ୍କୁ ଗୃହ ଆବଂଟନ,ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟାଦେଶ ମୁଖ୍ୟ ଅତିଥି ଙ୍କ ଦ୍ୱାର ପ୍ରଦାନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ) ବଇତାରୁ ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସୁଚେତା ପାଣି, ଉପ ଜିଲ୍ଲାପାଳ ଧର୍ମଗଡ଼, ଧୀମାନ ଚାକମା, ପି ଏ ଆଇ ଟି ଡି ଏ, ରାମକୃଷ୍ଣ ଗଣ୍ଡ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଡେପୁଟି କଲେକ୍ଟର ଚନ୍ଦ୍ରଦାସ ମହାନନ୍ଦୀଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ର ଛାତ୍ରୀ, ବରିଷ୍ଠ ନାଗରିକ, ଜନପ୍ରତିନିଧି,ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମ କୁ ଶିକ୍ଷାବିତ୍ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ପରିଚାଳନା କରିଥିଲେ ଏବଂ ଶେଷରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଥିଲେ । ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଜୟପୁର: ଜୟପୁର ସହରରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଛି । ଜୟପୁର ସହରର ଲିଙ୍ଗରାଜ ନଗରରେ ରହୁଥିବା ସ୍ମୃତି ରଞ୍ଜନ ପଣ୍ଡା ଙ୍କ ଘରେ ଦୁର୍ବୃତମାନେ ତାଲା ଭାଙ୍ଗି ଚୋରି କରିଛନ୍ତି । ଆଜି କାତିକ ପୁର୍ଣ୍ଣିମା ଅବସରରେ ଭୋର ସମୟରେ ଘର ତାଲା ପକାଇ ଡଙ୍ଗା ଭସାଇ ମନ୍ଦିରକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତମାନେ ତାଲା ଭାଙ୍ଗି ସୁନା ,ରୁପା ଗହଣା, ୩୦ ହଜାର ଟଙ୍କା ଆଦି ଚୋରି କରି ଚମ୍ପଟ ମାରିଛନ୍ତି । ମନ୍ଦିର ଦର୍ଶନ ସାରି ଘରକୁ ଫେରିବା ବେଳେ ଦୁର୍ବୃତ ମାନେ ଏପରି କାଣ୍ଡ ଘଟାଇଥିବା ଜାଣି ପୋଲିସକୁ ସୁଚନା ଦେଇ ଥିଲେ । ସୂଚନା ଆଧାରେର ଜୟପୁର ଟାଉନ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ବିଆରପିଏଲ କାରଖାନାର ପ୍ରଦୂଷଣ ଯୋଗୁଁ ଅଂଚଳ ବାସୀ ଅତିଷ୍ଠ

## ◂◂ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ନିଘା ନାହିଁ

କଳିଙ୍ଗନଗର (ନି ପ୍ର) : ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଂଚଳ ରେ ପରିବେଶ ବାୟୁ ଓ ଜଳ ପ୍ରଦୂଷଣ ଏତେ ମାତ୍ରାରେ ଦିନକୁ ଦିନ ବୃଦ୍ଧି ହେଲାଣି ଲୋକମାନେ ବଂଚିବା ପାଇଁ ତ୍ରାହି ତ୍ରାହି ଡାକିଲେଣି, କଳିଙ୍ଗନଗର ରେ ଥିବା ଆଂଚଳିକ ପ୍ରଦୂଷଣ ବିଭାଗରେ ନୂଆ ଦାୟିତ୍ୱ ପାଇଥିବା ଅଧିକାରୀ ଏହାକୁ ଅନୁଭବ କରି ଏକାଧିକ ଶିଳ୍ପସଂସ୍ଥା ମାନଙ୍କୁ ନୋଟିସ କରୁଥିବା ଦେଖିବାକୁ ମିଳିଛି । ମାତ୍ର ଆହୁରି ଅନେକେ କାରଖାନା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏହା ପଛରେ କ'ଣ ଉଦ୍ଦେଶ୍ୟ ଅଛି ବୋଲି ସାଧାରଣରେ ଆଲୋଚନା ହେଉଛି । ବିଶେଷ କରି




ବିଆରପିଏଲ କାରଖାନା ଦ୍ୱାରା ଗଣ୍ଡାନାଳ ଅଧିକ ପ୍ରଦୂଷିତ ହୋଇଥିବା ବେଳେ ନୀଳାଚଳ ଇସ୍ପାତ ଓ ଜେଏସଡବ୍ଲ୍ୟୁ,ନିୟୁଭିଷ୍ଟା, ରୋହିତ, ସାଗର ସିମେଂଟ ମଧ କଳିଙ୍ଗନଗର ରେ ପ୍ରଦୂଷଣ କରୁଥିବା ଅଭିଯୋଗ ହେଉଛି । ମାତ୍ର ବିଆରପିଏଲ କାରଖାନା ସ୍ଥାପନ ପରେ ଗଣ୍ଡାନାଳ କୁ ଲାଗିରହିଥିବା ଗାଁ ରେ ଥିବା ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ସହିତ ଚାଷ କାର୍ଯ୍ୟ ଓ ଗାଇଗୋରୁ ଙ୍କ ଚଳାଚଳ ବହୁ ଅସୁବିଧା କୁ ସ୍ଥାନୀୟ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି ବହୁ ଗ୍ରାମବାସୀ ।ଗଣ୍ଡାନାଳ ରେ ବହୁ ସମୟରେ ବହୁ ରଙ୍ଗର ଜଳ ଛାଡ଼ି ସ୍ଥାନୀୟ ଅଂଚଳରେ ଥିବା କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ବହୁ ଚାଷୀ ବହୁ ଅସୁବିଧା ରେ ପଡୁଥିବା ଦେଖିବାକୁ ମିଳିଛି । ବାୟୁ ପ୍ରଦୂଷଣ କଥା ନକହିବା ଭଲ ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି କଳିଙ୍ଗନଗର ରେ ଥିବା ପ୍ରଦୂଷଣ ବିଭାଗର ସହାନୁଭୂତି ବିଆରପିଏଲ ଶିଳ୍ପସଂସ୍ଥା ପ୍ରତି ରହୁଛି ନା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିଜର ଦାଇତ୍ୱ ତୁଲାଇବା କୁ ଯାଇ ବିଆରପିଏଲ ବିରୋଧ ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ନା କୌଣସି ଅଦୃଶ୍ୟ ଶକ୍ତିର ବଶବର୍ତୀ ହୋଇ ସାଧାରଣ ଲୋକଙ୍କ ଜୀବନ କୁ ଅଲୋଡା ଭାବି ଚୁପ୍ ରହିବା ଶ୍ରେୟ ମଣୁଛନ୍ତି

# ନିରଂଜନ ପାଢୀଙ୍କୁ ଅଧାପକ ଡ. ପୀତାମ୍ବର ସ୍ୱାଇଁ ରାଜ୍ୟସ୍ତରୀୟ ବାଗ୍ମିତା ସମ୍ମାନ

ଭଦ୍ରକ: ବିଶିଷ୍ଟ ବାଗ୍ମୀ, ବହୁପରିଚିତ ସ୍ତମ୍ଭକାର, ପ୍ରାବନ୍ଧିକ ତଥା ଦର୍ଶନ ଶାସ୍ତ୍ର ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ନିରଂଜନ ପାଢୀ ଚଳିତ ବର୍ଷର ' ଅଧାପକ ଡ ପୀତାମ୍ବର ସ୍ୱାଇଁ ରାଜ୍ୟସ୍ତରୀୟ ବାଗ୍ମିତା ସମ୍ମାନ ' ପାଇବାକୁ ମନୋନୀତ ହୋଇଛନ୍ତି ବୋଲି ସ୍ମୃତିସଂସଦର ସମ୍ପାଦକ ପ୍ରଫେସର ଡ ଶଶଧର ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଡ. ସ୍ୱାଇଁଙ୍କ ମୃତ୍ୟୁ ପରେ ସ୍ମୃତିସଂସଦ ଆନୁକୂଲ୍ୟରେ ବିଗତ ୨୪ବର୍ଷ ଧରି ରାଜ୍ୟସ୍ତରୀୟ ବାଗ୍ମିତା ସମ୍ମାନରେ ରାଜ୍ୟର ବହୁ ଜ୍ଞାନୀ, ଗୁଣୀ ବିଶିଷ୍ଟ ବାଗ୍ମୀଙ୍କୁ ସମ୍ମାନିତ କରାଯାଇ ଆସୁଛି ।

# ବିଶୋଇ ବ୍ଲକ ଆଶ୍ରମ ସ୍କୁଲରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ

ରାଇରଙ୍ଗପୁର : (ନି.ପ୍ର)-ବିଶୋଇ ଅନୁସୂଚିତ ଜାତି ଓ ଜନଜାତି (ଏସ୍ ଏସ୍ ଡି) ବାଳକ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଏବଂ ମଙ୍ଗଳ ସମ୍ପ୍ରସାରଣ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପିତାମାତା ତଥା ଅଭିଭାବକମାନେ 'ପେରେଂଟସ୍ ଏଜ୍ ପାର୍ଟନର୍ସ' ବା 'ସହଭାଗୀ ଭାବେ ପିତାମାତା' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ କାନ୍ତିପ୍ରଭା ଷଡ଼ଙ୍ଗୀ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା




ପାଇଁ ଗ୍ରହଣ କରାଯାଉଥିବା ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଅଭିଭାବକଙ୍କୁ ସଚେତନ କରାଇ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ବକ୍ତବ୍ୟ ରଖି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ସାଓ ମଂଚ ପରିଚାଳନା କରିଥିଲେ । ଖେଳ ତଥା ଏନସିସି ଶିକ୍ଷକ ରାହୁଲ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅମ୍ବିକା ପଣ୍ଡା, ପାନମଣି ହାଁସଦାଃ, ସୋନାଲି ମୁର୍ମୁ, ଶିଖାରାଣୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ

# ଶିଶୁ ଦିବସ ପାଳିତ



ବାଲିଆପାଳ : (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଂଚାନନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସ୍ଥାନୀୟ ସତସଙ୍ଗ କେନ୍ଦ୍ର ମୁଖ୍ୟ ଜଗନ୍ନାଥ ପ୍ରଧାନ ଯୋଗ ଦେଇ ଶିଶୁ ଦିବସ ବିଷୟରେ ବକ୍ତବ୍ୟ ମାଧ୍ୟମରେ ଆଜିର ଶିଶୁ କିପରି ଆସନ୍ତା କାଲିର ଭବିଷ୍ୟତ ତଥା ଏକ ସୁସ୍ଥ ସମାଜ ଗଠନରେ ତାର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ରହିଛି ସେ ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏହି ଅବସରରେ ଶିଶୁ ମନ୍ଦିରର ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ଭାଷଣ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଜେନା, ପୁଲିନ ଗୁରୁଜୀ, ଅଶୋକ ଗୁରୁଜୀ, ବିବେକାନନ୍ଦ ଗୁରୁଜୀ ପ୍ରମୁଖ ଏହି ଅବସରରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ଥିଲେ । କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରି ଥିଲେ । ସର୍ବଶେଷରେ ସମୋହ ବନ୍ଦେ ମାତରମ ସଙ୍ଗୀତ ଗାନ ପୂର୍ବକ କାର୍ଯ୍ୟକ୍ରମ ସାଙ୍ଗ ହୋଇ ଥିଲା ।

# ଯମୁନା ପରେ ଶିମିଳିପାଳକୁ ଆସିଲା ବାଘୁଣୀ ଜୀନାତ

## ✦ ଅଚାନକ କଳା ବାଘର ବଂଶବୃଦ୍ଧି ରୋକିବାକୁ କରାଯାଇଛି ଯୋଜନା

ବାରିପଦା: (ସ୍ୱପ୍ର) ଏସିଆର ୨ୟ ବୃହତମ ଅଭ୍ୟାରଣ୍ୟ ଭାବରେ ପରିଚିତ ମୟୁରଭଞ୍ଜର ଶିମିଳିପାଳ ମହାବଳ ବ୍ୟାଘ୍ର ଅଭୟାରଣ୍ୟ ପାଇଁ ବେଶ ପରିଚିତ. ତେବେ ଶିମିଳିପାଳରେ ଅଚାନକ କଳା ବାଘର ବଂଶବୃଦ୍ଧି ରୋକିବାକୁ ଯୋଜନା କରାଯାଇ ଆଜି ମହାରାଷ୍ଟ୍ରର ତଡ଼ବା ଅନ୍ଧାରି ବ୍ୟାଘ୍ର ଅଭୟାରଣ୍ୟରୁ କିଛିଦିନ ପୂର୍ବରୁ ଗୋଟିଏ ଅଢେଇ ବର୍ଷ ବୟସ୍କା ବାଘୁଣୀ ଯମୁନାକୁ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟରେ ଛଡା ଯାଇଥିଲା. ଆଜି ସେହି ମହାରାଷ୍ଟ୍ରର ତଡ଼ବା ଅନ୍ଧାରି ବ୍ୟାଘ୍ର ଅଭୟାରଣ୍ୟରୁ ଅନଏକ ୩ବର୍ଷର ବାଘୁଣୀ ଜୀନାତକୁ ଅଣାଯାଇ ଶିମିଳିପାଳ ଭିତରେ ଏକ



ଏନକ୍ଲୋଜର ଭିତରେ ସ୍ୱତନ୍ତ୍ର ଟିମର ତଦାରଖରେ ଛଡାଯାଇଛି ବୋଲି ଆରସିସିଏଫ ପ୍ରକାଶ ଚାନ୍ଦ ଯୋଗୀନେନି ସୂଚନା ଦେଇଛନ୍ତି. ପୂର୍ବରୁ ଏହି ଏନକ୍ଲୋଜର ଭିତରେ ଯମୁନା ରହୁଥିଲା. ଯମୁନା ଏବେ ମୁକ୍ତ ଭବରେ ଶିମିଳିପାଳରେ ବୁଲୁଥିବା ବେଳେ କିଛିଦିନ ପରେ ଜୀନାତକୁ ମଧ୍ୟ ଜଙ୍ଗଲ ଭିତରେ ମୁକ୍ତ ଭାବରେ ଛାଡି ଦିଆଯିବ. ସୂଚନା ମୁତାବକ ବିଗତ କିଛି ବର୍ଷ ଧରି ଶିମିଳିପାଳରେ ମହାବଳ ବାଘ ମଧ୍ୟରେ ଅଧିକ ସଂଖ୍ୟକ ମିଲେନିଷ୍ଟିକ (କଳାବାଘ) ବାଘ ଜନ୍ମ ହେଉଥିବା ବିଭାଗ ପକ୍ଷରୁ ଜଣାଯାଇଥିବା ବେଳେ, ମହାବଳ ବାଘର ଏଭଳି ଅଚାନକ ରଙ୍ଗ ପରିବର୍ତନକୁ ଜେନେଟିକ ପରିବର୍ତନ ବୋଲି ବିଶେଷଜ୍ଞ ମାନେ ମତ ଦେଇଥିଲେ ଏବଂ ସମାନ ବାଘ ବାଘୁଣୀ ପାଖରୁ ବଂଶବୃଦ୍ଧି ଯୋଗୁଁ ଏପରି ପରିବର୍ତନ ହୋଇ ଥାଇ ପାରେ ବୋଲି ବିଶେଷଜ୍ଞ ମାନେ ଆକଳନ କରିଥିଲେ. ତେବେ ଅନ୍ୟ ସ୍ଥାନରୁ ପୁରୁଷ ବାଘ ଆଣି ରଖିଲେ ଏଠାରେ ଥିବା ପୁରୁଷ ବାଘ ଏବଂ ଅଗନ୍ତୁକ ପୁରୁଷ ବାଘ ମଧ୍ୟରେ ଲଢେଇ ହେବ ଏବଂ ବାଘ ବଂଶ ବୃଦ୍ଧିରେ ବ୍ୟାଘାତ ଘଟିବ. ତେଣୁ ଅନ୍ୟ ସ୍ଥାନରୁ ମାଇବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପୁନଃ ପରିବର୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିବ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ.

# ଜିଆରଏସ୍ ଙ୍କ ଅନିୟମିତ କାର୍ଯ୍ୟ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ରାଇରଙ୍ଗପୁର : (ନି.ପ୍ର)- ରାଇରଙ୍ଗପୁର ବ୍ଲକର ବଡ଼ମୌଦା ଗ୍ରାମ ପଂଚାୟତ ଅଧୀନ ସୁଣ୍ଢେଲ ଗ୍ରାମର ଗ୍ରାମ ରୋଜଗାର ସେବକ (ଜିଆରଏସ୍) ମନୋରଞ୍ଜନ ମହାନ୍ତଙ୍କ ବିଭିନ୍ନ ଅନିୟମିତ କାର୍ଯ୍ୟ ନେଇ ଗ୍ରାମବାସୀ ମୟୂରଭଞ୍ଜ ଜିଲାପାଳଙ୍କୁ ଅଭିଯୋଗ କରିଥିବା ସୂଚନା ମିଳିଛି । ରାଇରଙ୍ଗପୁରରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ବଡ଼ମୌଦା ସରପଂଚ ସୁକାନ୍ତି ହେମ୍ବ୍ରମଙ୍କ ସମେତ ୮୨ଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରି ଏହି ସମ୍ବେଦନଶୀଳ ଘଟଣାର ତ୍ୱରିତ ତଦନ୍ତ ସହ ଜିଆରଏସ ଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଏବଂ ପ୍ରଭାବିତ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ବିଲ୍ ପାସ୍ ପାଇଁ ଅର୍ଥ ଦାବି କରିବା ସହିତ ବିଧବା ଓ ବାର୍ଦ୍ଧକ୍ୟ ଭତା ମଂଜୁର ପାଇଁ ଗରିବ ଓ ଅସହାୟଙ୍କୁ ଟଙ୍କା ମାଗିବା ଘଟଣାର ତଦନ୍ତ ପାଇଁ ମଧ୍ୟ ଜିଲାପାଳଙ୍କୁ ପ୍ରାର୍ଥନା କରାଯାଇଛି । ଶେଷରେ ସଂପୃକ୍ତ ଜିଆରଏସ୍ ଙ୍କ ଅସହଯୋଗ ମନୋଭାବ ଓ ଅନିୟମିତ କାର୍ଯ୍ୟ ପାଇଁ ତାଙ୍କୁ ତୁରନ୍ତ ବଦଳି କରିବା ପାଇଁ ମଧ୍ୟ ଦାବି କରାଯାଇଛି ।

# ଜ୍ୟୋତି ଆଳୁ ବଦଳରେ ପୋଖରାଜ କିସମର ପଚା ଆଳୁ ବିହନ ନେଲେ ନାହିଁ ଚାଷୀ : ହଟହଟା ହେଲେ ଉଦ୍ୟାନ ବିଭାଗ ଅଧିକାରୀ

ବାଲିଆପାଳ : (ନିପ୍ର) ସରକାର ଓଡିଶାରେ ଆଳୁ ଚାଷକୁ ବ୍ୟାପକ କରିବା ପାଇଁ ଚାଷୀଙ୍କୁ ରିହାତି ମୂଲ୍ୟରେ ଉନ୍ନତ କିସମର ଆଳୁ ବିହନ ଯୋଗାଇବା ପାଇଁ ଉଦ୍ୟାନ କୃଷି ବିଭାକୁ ନିର୍ଦ୍ଦେଶ ଦେଇଛନ୍ତି । ଏବାବଦରେ ସରକାର କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି । ମାତ୍ର ଏହାର ସଠିକ ତଦାରଖ ହୋଇ ପାରୁନି ଯାହା ଫଳରେ ଚାଷୀ ହଇରାଣ ହେଉଛନ୍ତି । କେତେ ବେଳେ ବିହନ ଅନୁପଯୋଗୀ ଆଳୁ ଅସୁଛି ତ କେତେବେଳେ ପଚା ବିହନ ଆଳୁ ଆସୁଛି । ସେହିପରି ଶୁକ୍ରବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଉଦ୍ୟାନ ବିଭାଗ କୃଷି କାର୍ଯ୍ୟାଳୟକୁ ପଞ୍ଜାବରୁ ଆସିଥିବା ଆଳୁ ବିହନ ପଚା ଓ ବିହନ ଅନୁପଯୋଗୀ ହୋଇଥିବାରୁ ଚାଷୀ ବାଲିଆପାଳ ସହକାରୀ ଉଦ୍ୟାନ କୃଷି ଅଧିକାରୀଣୀ ଶୁଭ ଲକ୍ଷ୍ମୀ ସେନାପତିଙ୍କୁ ଚାଷୀ ଘେରିଥିଲେ । ପଚାଶ କେଜି ଆଳୁ ବୁରାରୁ ଦଶ କେଜିରୁ ଅଧିକ ପଚା ବାହାରୁ ଥିବା ବେଳେ ବିହନ ଗୁଡ଼ିକ ବହୁତ ବଡ଼ ବଡ଼ ଥିଲା । ଏବଂ ସେଥିରୁ ବାହାରିଥିବା ଆଳୁ ଗୁଡ଼ିକ କଳା ପଡ଼ିଯାଇଥିବାରୁ ପୋଖରାଜ କିସମର ପଚା ଆଳୁ ବିହନକୁ ଚାଷୀ ନନେଇ ଫେରାଇ ଦେଇଛନ୍ତି । ସେମାନେ ପୋଖରାଜ କିସମର ଆଳୁ ବିହନ ପରିବର୍ତେ ଜ୍ୟୋତି କିସମର ଆଳୁ ବିହନ ନେବେ ବୋଲି ଦାବି କରିଛନ୍ତି । ଏହାର ସତ୍ୟାସତ୍ୟ ପରୀକ୍ଷା କରିବା ପାଇଁ ବାଲିଆପାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସ୍ୱାଗତିକା ସାହୁ ଘଟଣା ସ୍ଥଳରେ ପହଂଚି ଆଳୁ ବିହନର ମାନ ଯାଂଚ କରିବା ପାଇଁ ୩ଟି ବୁରା ଯାଂଚ କଲାପରେ ଏହି ସବୁ ରିଜେକ୍ଟ ବୋଲି କହିଛନ୍ତି । ଚାଷୀ



ଏହି ଆଳୁ କୁ ଦେଖି ଏହା ଲୋକାଲ ମାର୍କେଟର ଆଳୁ ସରକାର ଚାଷୀ କୁ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହା ଛଡା ଆଳୁ ଲଗାଇବା ପାଇଁ ସମୟ ଚାଲି ଯାଉଥିବାରୁ ଚାଷୀ ପୋଖରାଜ କିସମର ଆଳୁ ନ ନେଇ ଜ୍ୟୋତି କିସମର ଆଳୁ ବିହନ ପାଇଁ ଚାଷୀ ଚନ୍ଦ୍ର କାନ୍ତ ଗିରି, ଅମୂଲ୍ୟ ପାଳ, ଭଗିରଥ ପାଳ, ଦୋଳ ଗୋବିନ୍ଦ ବେହେରା, ଗଣେଶ ଜେନା, ସନ୍ନ୍ୟାସୀ ମାଣିକ, ହରେନ୍ଦ୍ର ପ୍ରଧାନ, ତରୁଣ ଗିରି, ବସନ୍ତ ରାଜ, ପ୍ରଫୁଲ୍ଲ ଗିରି, ମନୁରଞ୍ଜନ କର ଙ୍କ ସହିତ ଉପସ୍ଥିତ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଚାଷୀ ପୋଖରାଜ କିସମର ଆଳୁ ଚାଷ ର ସମୟ ଚାଲି ଯାଇଥିବାରୁ ଜ୍ୟୋତି କିସମର ଆଳୁ ନେବା ପାଇଁ ଅଡି ବସିଥିଲେ । ଉଦ୍ୟାନ କୃଷି ବିଭାଗର ଡେପୁଟି ଡାଇରେକ୍ଟର ତପନ କୁମାର ମହାନ୍ତି ଘଟଣା ସ୍ଥଳରେ ପହଂଚି ତିନିଦିନ ମଧ୍ୟରେ ଭଲ ଆଳୁ ବିହନ ବାଲିଆପାଳରେ ପହଂଚିବ ବୋଲି କହିଥିଲ ମାତ୍ର ଏହା କେଉଁ କିସମର ବୋଲି ଚାଷୀଙ୍କ ପ୍ରଶ୍ନ ବାଣରେ ନୀରବି ଯାଇଥିଲେ । ତେବେ ଚାଷୀ ଜ୍ୟୋତି କିସମର ଆଳୁ ବିହନ ଦିଆନଗଲେ ବାଲିଆପାଳ ଉପ ଉଦ୍ୟାନ କୃଷି କାର୍ଯ୍ୟାଳୟରେ ତାଲା ପକାଇବା ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଗାନ୍ଧୀ ବାଳାଶ୍ରମରେ ଶିଶୁ ଦିବସ ପାଳିତ

ଭଦ୍ରକ : ଗରଦପୁରସ୍ଥିତ ଗାନ୍ଧୀ ବାଳାଶ୍ରମ ପରିସରରେ ଶିଶୁ ଦିବସ ସମାରୋହରେ ପାଳିତ ହୋଇଯାଇଛି । ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦିକା ଶ୍ରୀମତୀ ନେହା ଅଗ୍ରୱାଲ ସମ୍ମାନିତ ଅତିଥି ଭାବରେ ଚାଇଲ୍ଡ ଲାଇନ୍‌ର ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ ଯୋଗ ଦେଇଥିଲେ । ପିଲାମାନେ ନେହୁରୁଙ୍କ ନୀତି ଆଦର୍ଶରେ ନିଜକୁ ଗଠନ କରିବା ସହ ସତ୍ୟ ଅହିଂସା ମାର୍ଗରେ ପରିଚାଳିତ ହେବା ଏବଂ କଠିନ ପରିଶ୍ରମହିଁ ସଫଳତାର ଚାବିକାଠି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଜିର ଶିଶୁ କାଲିର ଭବିଷ୍ୟତ, ଶିଶୁ




ମାନେ ଜାତିର ଅମୂଲ୍ୟ ସମ୍ପଦ । ତେଣୁ ଶିଶୁମାନଙ୍କ ସର୍ବବିଦ୍ଧ ବିକାଶ ପାଇଁ ଉପଯୁକ୍ତ ଯତ୍ନ ନିଆଗଲେ ଏକ ସମୃଦ୍ଧଶାଳୀ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ଶିଶୁ କଲ୍ୟାଣ କ୍ଷେତ୍ରରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରିବା ସହ ପିଲାମାନେ ଗାନ୍ଧୀ, ନେହୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ବାଜିରାଉତ ଓ ଧରମାପରି ଦେଶ ଭକ୍ତ ହେବାକୁ ସମ୍ମାନିତ ଅତିଥି ଶୁଭଶ୍ରୀ ପଡ଼ିଆରୀ ଆହ୍ୱାନ ଦେଇଥିଲେ । ସଭା କାର୍ଯ୍ୟ ଶେଷରେ ଅନ୍ତେବାସୀ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରାଯାଇଥିଲା । ତଥାଗତ ଜେନା, ସସ୍ମିତା ନାୟକ, ନିରଂଜନ ନାୟକ, ରାଜେଶ ମୋହିନୀ, ସୌମ୍ୟରନ ଦାସ, ଚନ୍ଦନ ସାହୁ, ନାରାୟଣ ଜେନା, ସସ୍ମିତା ମଲ୍ଲିକ, ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




# ଜାତୀୟ ପ୍ରେସ ଦିବସ ପାଳିତ

ବ୍ରହ୍ମପୁର(ନିପ୍ର): ସ୍ଥାନୀୟ ହିଲପାଟଣା ସ୍ଥିତ ସଞ୍ଜୟ ମେମୋରିଆଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି (ଏସ ଏମ ଆଇଟି)ର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ଆଜି ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ବିଭାଗର ଅଧକ୍ଷ ଡ଼ଃ ହରିଶ୍ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରଫେସର ଡ଼ଃ ଗଣେଷ ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା ପେଶାର ମାନ୍ୟତା ବୁଝାଇବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ସାମ୍ବାଦିକତା ପେଶାର ଲେଖନୀ ଶୈଳୀରେ ଅଧିକ ଧ୍ୟାନ ଦେବା ପାଇଁ କହିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରୀଡ଼କୋର ଅବସରପ୍ରାପ୍ତ ଲୋକସମ୍ପର୍କ ଅଧିକାରୀ, ବିଶିଷ୍ଟ ଲେଖକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାମ୍ବାଦିକତା ଶିକ୍ଷା ପ୍ରଦାନ କରୁଥିବା ଡ଼ ଭି ରାଜେନ୍ଦ୍ର ରାଜୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାସ୍ତବରେ ଲୋକମାନଙ୍କୁ ଏକଜୁଟ କରି ଲୋକଙ୍କୁ ସଚେତନ କରିବା କଷ୍ଟକର ହୋଇପଡିଛି ତେଣୁ ଛାତ୍ରଛାତ୍ରୀ ମାନେ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସଭାପତି ଡ଼ ଭଗବାନ ଗନ୍ତାୟତ, ସମ୍ପାଦକ ଜାମୁଲା ଶଙ୍କର ନାରାୟଣ ଓ ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା ପେଷାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ନିକଟରେ ଆୟୋଜିତ କ୍ୟାମ୍ପସ ନିଯୁକ୍ତିରେ ଏକ ଦୈନିକ ଖବରକାଗଜରେ ନିଯୁକ୍ତି ପାଇଥିବା ଛାତ୍ରୀ ଜୋସନାରାଣୀ ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା କ୍ଷ ପ୍ରେସ ଦିବସ ପାଳନ ଅବସରରେ ଅଧାପିକା ଡ଼ଃ ସୋନାଲି ଗନ୍ତାୟତ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଅଧାପିକା ସ୍ମିତାସ୍ୱିନି ମହାପାତ୍ର ସଂଯୋଜନା କରିଥିଲେ ।

# କେବେ ଛାଡ଼ିବେ ଜିଲ୍ଲା ପରିଷଦ ଅତିଥି ଗୃହ ?



ରାୟଗଡ଼ା(ନିପ୍ର): କଥାରେ ଅଛି ଥରେ କିଏ କହିଲେ କିମ୍ବା ଅଭିଯୋଗ କଲେ ସମ୍ମାନ ଉପରକୁ ଆଂଚ ଆସେ । କିନ୍ତୁ ଜିଲ୍ଲାରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଯେଉଁ ଭଳି ଭାବରେ ଅତିଥି ଗୃହକୁ ମାଡି ବସିଛନ୍ତି ବାରମ୍ବାର ଅଭିଯୋଗ ସତ୍ୱେ ଛାଡୁ ନାହାନ୍ତି ଶୁଣି ନଶୁଣିଲା ଭଳି ରହିବା ପଛର ରହସ୍ୟ ଜଣା ପଡୁ ନାହିଁ । ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ ଜିଲ୍ଲା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପଛରେ ଥିବା ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟାଙ୍କ ବିଶ୍ରାମ ପାଇଁ ନିର୍ମାଣ ହୋଇଥିବା ଅତିଥି ଗୃହ କ୍ଷେତ୍ରରେ । ଏହି ଅତିଥି ଗୃହକୁ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ଅତିଥି ଗୃହର ଚାରୋଟି କକ୍ଷକୁ ମାଡି ବସି ରହିଥିବା ବେଳେ ଏ ନେଇ ବାରମ୍ବାର ବିଭିନ୍ନ ବୈଠକରେ ନିର୍ବାଚିତ ପ୍ରତିନିଧି ଓ ବୁଦ୍ଧିଜୀବି ଅଭିଯୋଗ କରିଥିଲେ ସୁଦ୍ଧା ସେ ଏ ଯାବତ୍ ଉକ୍ତ ଗୃହକୁ ଛାଡ଼ିବାର ନାଁ ନେଉ ନାହାଁନ୍ତି । ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ପାଇଁ ନିର୍ମିତ ହୋଇଥିବା ସରକାରୀ ବାସଭବନ ଯାହାକି ଜିଲ୍ଲା ପରିଷଦ ଅଧକ୍ଷଙ୍କ ପାର୍ଶ୍ୱରେ ରହିଛି ତାହାର ଚାରି ପାର୍ଶ୍ୱରେ ବିଭିନ୍ନ ଗଛ ବୁଦାରେ ପରିବେଷ୍ଟିତ ହୋ ଭୁତ ବଙ୍ଗଳା ଭଳି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ଏହାକୁ ନେଇ ଗତ ସେପ୍ଟେମ୍ବର ୧୮ ତାରିଖରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ରାୟଗଡ଼ ବିଧାୟକ ପ୍ରଶ୍ନ କରିବା ସହ ତୁରନ୍ତ ଖାଲି କରିବାକୁ କହିଥିଲେ । ସେହିଭଳି ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅକ୍ଟୋବର ୨୯ ତାରିଖରେ ଅନୁଷ୍ଠିତ ସାଧାରଣ ବୈଠକରେ ଜନୈକ ବୁଦ୍ଧିଜୀବି ଏହି ଘଟଣାକୁ ନେଇ ପୁନରାବୃତି କରି ଚେତେଇବା ସହ ଏହା କଣ ଦୁର୍ନୀତି ନୁହେଁ କି ବୋଲି କୋରାପୁଟ ଦୁର୍ନୀତି ଏବଂ ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ସମ୍ମୁଖରେ ପ୍ରଶ୍ନ କରିଥିଲେ । କିନ୍ତୁ ନିଜ ସରକାରୀ ବାସ ଭବନକୁ ଛାଡ଼ି କାହିଁକି ଜିଲ୍ଲା ପରିଷଦ ସଦସ୍ୟଙ୍କ ଉଦ୍ଦେଶ୍ୟ ପାଇଁ ନିର୍ମିତ ଏହି ଅତିଥି ଗୃହକୁ ମାଡି ବସିଛନ୍ତି ଏହି ଅଧିକାରୀ । ସେ ନେଇ ବିଭିନ୍ନ ସମୟରେ ଶ୍ରୀ କହଁରଙ୍କ ସମ୍ମୁଖରେ ପ୍ରଶ୍ନ କରାଯାଉଥିଲେ ସୁଦ୍ଧା ଚୁପି ସାଧି ନିଜର ଆଧିପତ୍ୟ ଜାହିର କରୁଛନ୍ତି କି ? ଏଭଳି କିଛି ପ୍ରଶ୍ନ ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ନେଇ ରାୟଗଡ଼ ଜିଲ୍ଲାପାଳ ମଧ ଏଥିପ୍ରତି କୌଣସି ଧ୍ୟାନ ଦେଉ ନଥିବା ଓ କୌଣସି ପଦକ୍ଷେପ ନେଉନଥିବା ଭଳି ଲାଗୁଥିବା ବେଳେ ଏହିଭଳି ବେନିୟମ ବ୍ୟବସ୍ଥାର ସହଭାଗିତା ହେଉଛନ୍ତି ବୋଲି ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଡଃ ବାଦଲ କୁମାର ତା କହିଛନ୍ତି । ରାୟଗଡା ସଦରରେ ବେନିୟମ ଜବର ଦଖଲରେ ରହିଥିବା କିଛି ସରକାରୀ ଗୃହ ଖାଲି କରିବା ବେଳେ ଜିଲ୍ଲା ପ୍ରଶାସନ ଶ୍ରୀ କହଁରଙ୍କ କ୍ଷେତ୍ରରେ କାହିଁକି କୋହଳ ନୀତି ଅବଲମ୍ବନ କରୁଛି । ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ଯେ ଜିଲ୍ଲାରେ ନିୟମ ସାଧାରଣ ବର୍ଗ ଓ ସରକାରୀ ବାବୁ ମାନଙ୍କ ପାଇଁ ଭିନ୍ନ ଭିନ୍ନ ରହିଛି କି ? ଏ ନେଇ ସୁଚନା ଅଧିକାର ବଳରେ ଯେଉଁ ଦସ୍ତାବିଜ୍ ହସ୍ତଗତ ହୋଇଛି ସେଥିରେ ୨୦୦୯ ମସିହା ମେ ୨୧ତାରିଖରେ ପିଡି ପାଇଁ ଗୃହ ଉପଲବ୍ଧ ନଥିବା ହେତୁ ଏକ ନୋଟସିଟ ସେ ସମୟର ପ୍ରକଳ୍ପ ନିର୍ଦ୍ଦେଶକ ଜି ସି ନାୟକଙ୍କ ନାଁ ରେ ଉକ୍ତ ଅତିଥି ଗୃହରେ ରହିବା ନେଇ ଜିଲ୍ଲାପାଳ ଅନୁମତି ଦେଇଥିଲେ । କିନ୍ତୁ କୌଣସି ଚିଠି ବା ନିର୍ଦ୍ଦେଶ ପତ୍ର ନାହିଁ । ଏହା ସହିତ ବର୍ତମାନର ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ କହଁରଙ୍କ ନାମରେ ସେଭଳି କିଛି ଆଦେଶନାମା ନଥିବା ବେଳେ କିଭଳି ଭାବରେ ଓ କେଉଁ ନିର୍ଦ୍ଦେଶନାମା ବଳରେ ସେ ଉକ୍ତ ଅତିଥି ଗୃହକୁ ନିଜ ଅଧୀନରେ ରଖି ନିଜର ପଦବୀର ଅପବ୍ୟବହାର କରୁଛନ୍ତି ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



ନୟାଗଡ଼(ନିପ୍ର): ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ଏଥିରେ ଜିଲ୍ଲାପାଳ ଅକ୍ଷୟସୁନୀଲ ଅଗ୍ରୱାଲ, ଅତିରିକ୍ତ ଉପଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ରକୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରେସ ଦିବସରେ ଗଣମାଧମର ପରିବର୍ତନଶୀଳ ସ୍ୱରୂପ ବିଷୟ ଉପରେ ଆଲୋଚନା କରାଯାଇ ଥିଲା । ଜାତୀୟ ପ୍ରେସ ଦିବସ ପ୍ରତିବର୍ଷ ୧୬ ନଭେମ୍ବରରେ ଦେଶରେ ପାଳନ କରାଯାଏ । ଏହି ଦିନଟି ଗଣମାଧମର ସ୍ୱାଧୀନତା ଏବଂ ସମାଜ ପ୍ରତି ଦାୟିତ୍ୱର ପ୍ରତୀକ ଅଟେ । ଏହି ଦିନ ହିଁ ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ କାର୍ଯ୍ୟ ଆରମ୍ଭ କରିଥିଲା । ୧୯୬୬ ମସିହା ଆଜିର ଦିନରେ କେନ୍ଦ୍ର ସରକାର ଭାରତୀୟ ପ୍ରେସ୍ କାଉନ୍ସିଲ ଗଠନ କରିଥିଲେ । ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଏବଂ ପ୍ରେସ୍ କାଉନ୍ସିଲ ହେଉଛି ସମ୍ବାଦପତ୍ର ମାନଙ୍କର ନୈତିକ ପ୍ରହରୀ । ସମ୍ବାଦପତ୍ର ମାନଙ୍କର କାମ ଉପରେ ନଜର ରଖିବା ସହିତ ଆବଶ୍ୟକ ପଡିଲେ ପରାମର୍ଶ, ସମୀକ୍ଷା ଏବଂ ବିବାଦୀୟ ସମ୍ବାଦ ପ୍ରସାରଣ ଉପରେ ବିଚାର କରି ନୈତିକ ଯାଂଚ କର୍ତାଭାବେ ପ୍ରେସ୍ କାଉନ୍ସିଲ କାମ କରୁଛି । ପ୍ରେସ୍ ?ର ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ମଧ ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ କାମ କରୁଛି । ସେବେଠାରୁ ଦେଶରେ ନଭେମ୍ବର ୧୬କୁ ପ୍ରତିବର୍ଷ ଜାତୀୟ ଗଣମାଧମ ଦିବସ ଭାବେ ପାଳନ କରାଯାଏ । ଏହି ଦିନଟି ପ୍ରେସ ସ୍ୱାଧୀନତା ଏବଂ ଦାୟିତ୍ୱ ପ୍ରତି ଆମର ବିଶେଷ ଧ୍ୟାନ ଆକର୍ଷଣ କରିଥାଏ । ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ଖଟେଇ, ହୁସେନ ଖାଁ, ରାମକୃଷ୍ଣ ରଥ, ବୈଦ୍ୟ ଭୂଷଣ ରଥ, ଯୁବ ସାମ୍ବାଦିକ ଜୟେନ୍ଦ୍ର ବେହେରା ପ୍ରମୁଖ ଜାତୀୟ ପ୍ରେସ ଦିବସ ଉପରେ ବକ୍ତବ୍ୟ ରଖିଥିଲେ ।

# କୁମ୍ଭୀଲୋ ଜ୍ଞାନ ସରୋବର ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ




ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ବ୍ଲକ୍ ବରସାହି ପଂଚାୟତ କୁମ୍ଭୀଲୋ ଜ୍ଞାନସାଗର ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ସାହିତ୍ୟିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧାର ପ୍ରାକ୍ତନ ଜିଲ୍ଲାପାଳ ତଥା ଅବସରପ୍ରାପ୍ତ ରାଜସ୍ୱ କମିଶନର ଡ଼.ନିରଞ୍ଜନ ସାହୁ ମୁଖ୍ୟ ବକ୍ତା ପିତାପଲ୍ଲୀ ଜେନିଥ ମହାବିଦ୍ୟାଳୟର ଅଧକ୍ଷ ଡ଼. ଗୌରହରି ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ କପିଳ ସାହୁ, କୃଷ୍ଣଚନ୍ଦ୍ର ସେଠୀ, ଜନ୍ମେଶ୍ୱର ବଡ଼ଜେନା, ନବ କିଶୋର ବଡ଼ଜେନା, ବସନ୍ତ କୁମାର ସୁବୁଦ୍ଧି, ଭାସ୍କର ଚନ୍ଦ୍ର ମିଶ୍ର, ମଧୁସୂଦନ ବେହେରା, ଗଣେଶ ଚନ୍ଦ୍ର ସାହୁ, ମାନସ ରଂଜନ ଶତପଥୀ, ହରିଶଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀମାନେ ଭଲ ପାଠ ପଢିବା ସହିତ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ ଛାତ୍ରଛାତ୍ରୀ ମାନେ ସେମାନଙ୍କ ଗୁରୁଜନ ମାନଙ୍କୁ ସମ୍ମାନ ଦେବା ସହିତ ସମାଜର ଉନ୍ନତି ମୂଳକ କାର୍ଯ୍ୟରେ ସମ୍ପୃକ୍ତ ରହିବାପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ଦାସ ସ୍ୱାଗତ ଭାଷଣ, ଦାଶରଥୀ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ, ନିଗମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବର୍ତମାନର ତଥା ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ଛାତ୍ର ଛାତ୍ରୀମାନେ ନୃତ୍ୟାଭିନୟ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ ଓ ସଭା ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କୁମ୍ଭୀଲୋ ବ୍ୟତୀତ ପତିନିବର, ବରସାହି ଓ କେରଙ୍ଗ ଗ୍ରାମରୁ ବହୁସଂଖ୍ୟାରେ ଅଭିଭାବକ ମାନେ ଯୋଗ ଦେଇଥିଲେ ।

# ଶୁକୁଣ୍ଡା ନୃସିଂହ ମନ୍ଦିରରେ ଖଲାସୀ ସଂଘ ବୈଠକ

ବ୍ରହ୍ମପୁର(ନିପ୍ର): ସ୍ଥାନୀୟ ସୁକୁଣ୍ଡା ନୃସିଂହ ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମପୁର ବଡ଼ ବଜାର ଖଲାସୀ ସଂଘର ଏହ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଖଲାସି ସଂଘ ସଭାପତି ପୀତବାସ ପଣ୍ଡା ଯୋଗଦେଇ ସଙ୍ଗଠନକୁ ସୃଦୃଢ଼ କରିବା ପାଇଁ ପରାମର୍ଶ ଦେବାସହ ସଂଘ ମଧ୍ୟରେ ଏକତା ବାଜାୟୀ ରଖିବାପାଇଁ ପରାମର୍ଶ ଦେଇଥିଲେ । ଏହା ସହ ସଂଘର ଆଗାମୀ ବାର୍ଷିକ ଉତ୍ସବ ରାୟଗଡାର ମାଁ ମଝିଘରିଆଣୀ ମନ୍ଦିର ଠାରେ କରିବାକୁ ନିଷ୍ପତି ନିଆଯାଇଥିଲା । ସଂଘର ସର୍ବସମ୍ମତି ନିଷ୍ପତି କ୍ରମେ ଚାରି ଜଣ ଖଳସୀଙ୍କୁ ନୂତନ ସଦସ୍ୟ ରୂପେ ନିଆଗଲା, ସେମାନଙ୍କୁ ତଥା ଦିଲେଶୁ ପାତ୍ର, ମିଟୁ ପାତ୍ର, ତୋଫାନ ପାତ୍ର ଓ ସୁନିଲ ପାତ୍ର ପ୍ରଭୃତିଙ୍କୁ ସଂଘର କର୍ମକର୍ତା ମାନେ ସ୍ୱାଗତ ଜଣାଇଥିଲେ । ବୈଠକରେ ଖଲାସି ଶ୍ରମିକଙ୍କୁ ଶ୍ରମ କାର୍ଡ ଯୋଗେଇ ଦେବା, ବିନା ସୁଧରେ ଟ୍ରଲି ଗାଡ଼ି ଯୋଗେଇ ଦେବା, ସଂଘର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସରକାରୀ ଜମି ଯୋଗାଇଦେବା, ଶ୍ରମିକ ମାନଙ୍କୁ ଶ୍ରମ ଭତା, ଚିକିତ୍ସା ପାଇଁ ମେଡିକାଲ ରେ ସ୍ୱତନ୍ତ୍ର କାର୍ଡ ସହ ଶ୍ରମବୀମା ଯୋଗାଇଦେବା ପ୍ରଭୃତି ସରକାରଙ୍କ ନିକଟରେ ଦାବୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସୁରେଶ ବେହେରା, ବାସୁଦେବ ନାୟକ, ରବି ବିଶୋଇ, ପୂର୍ଣ୍ଣ ପାତ୍ର, ବୁଢୁ ନାୟକ, ସୁନେୟା ପାତ୍ର, କୃଷ୍ଣ ଚନ୍ଦ୍ର ପାଳ, ଜଗନ୍ନାଥ ସାହୁ ପ୍ରମୁଖଙ୍କ ସହ ସଂଘର ସମସ୍ତ ସଦସ୍ୟ ବୈଠକରେ ଯୋଗଦେଇଥିଲେ ।

# ବିଭିନ୍ନ ପୁଷ୍କରିଣୀରେ ବୋଇତବନ୍ଦାଣ ଉତ୍ସବ ପାଳିତ

ନୀଳଗିରି(ନିପ୍ର): ନୀଳଗିରି ସହର ଓ ଏହାର ଆଖପାଖ ଅଂଚଳରେ ବହୁ ପୁରାତନ ଦେବାଦେବୀଙ୍କ ପୀଠ ରହିଛି । ବାରମାସରେ ତେର ପର୍ବ ପାଳନ ହୋଇଆସୁଥିବା ଏହି ଅଂଚଳରେ ମୁଖ୍ୟତଃ ପୁଣ୍ୟମାସ କାର୍ତିକ ଗୁରୁତ୍ୱବହନ କରିଥାଏ । ବଣ ପାହାଡ ଘେରା ମୂଳକ ହୋଇଥିଲେ ମଧ କାର୍ତିକ ମାସସାରା ଉକ୍ତ ଅଂଚଳର ଲୋକ ନିରାମିଷ ଭୋଜନ କରିଥାନ୍ତି । ବିଶେଷକରି କାର୍ତିକ ପୂର୍ଣ୍ଣିମାର ଶେଷ ପାଂଚଦିନ ପଂଚକ ଅବସରରେ ମହିଳାମାନେ ବଡିଭୋରରୁ ଉଠି ନିତ୍ୟକର୍ମ ସାରି ବିଭିନ୍ନ ଦେବୀ ଦେବାଳୟ ଯାଇ ଦର୍ଶନ କରିଥାଆନ୍ତି । ଆଜି ପଂଚୁକଶେଷ ଦିନରେ ମହିଳା ମାନେ ଓଡ଼ିଆ ପରମ୍ପରା ଅନୁଯାୟୀ ଭୋର ସମୟରେ ବିଭିନ୍ନ ଜଳାଶୟ ମାନଙ୍କରେ ଡଙ୍ଗା ଭସାଇବା ସହିତ 'ଆ କା ମା ବୈ 'ପାନ ଖଣ୍ଡିକ ଥୋଇ, ମାସକ ଧରମ ମୋର ବର୍ଷକ ଧରମ ତର, ସଙ୍ଗୀତଗାନ କରିବା ସହିତ ଓଡ଼ିଆ ନୌବାଣିଜ୍ୟ ପରମ୍ପରାକୁ ଉଦ୍ଜିବିତ କରିବାକୁ ଭୁଲିନଥିଲେ । ତେବେ ନୀଳଗିରି ସହରର ବିଭିନ୍ନ ପୁଷ୍କରିଣୀ ମାନଙ୍କରେ ମହିଳାମାନେ ଡଙ୍ଗା ଭସାଇଥିବା ବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିବା ଦେଖାଯାଇଥିଲା ।

# ୬୮ତମ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ୨୦୨୪-୨୫ ଉଦ୍‌ଯାପିତ

କେନ୍ଦୁଝର(ନିପ୍ର): ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ଭୁବନେଶ୍ୱର ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ, କେନ୍ଦୁଝର ଦ୍ୱାରା ଆୟୋଜିତ ୬୮ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗୀତା ୨୦୨୪-୨୫ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଗୌରୀରାଣୀ ନାଏକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗ ଦେଇ ଶୃଙ୍ଖଳା ର ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା କର୍ମକର୍ତା ଏବଂ ଜାତୀୟ ସ୍ତରକୁ ଯୋଗ୍ୟ ବିବେଚିତ କ୍ରୀଡାବିତ୍ ମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝର ମ୍ୟୁନିସିପାଲିଟିର ଅଧକ୍ଷ ନିକୁ ସାହୁ ଯୋଗ ଦେଇ କ୍ରୀଡ଼ା ଆମ ଜୀବନରେ କିପରି ମହତ୍ୱପୂର୍ଣ୍ଣ ସେ ସମ୍ବନ୍ଧ ରେ ଉଦାହରଣ ଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଯୋଗ ଦେଇ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଯୋଗ ଦେଇ କ୍ରୀଡ଼ା ଶିକ୍ଷକ ଗଣ ପ୍ରଥମେ ଛାତ୍ର ଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ କରି ସେ ଦିଗରେ ଉତ୍କର୍ଷତା ବୃଦ୍ଧି କରାଇବା ପାଇଁ ଉପଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଯୋଗ ଦେଇ କ୍ରୀଡ଼ାରେ ହାର୍ ଜିତ୍‌କୁ ଭୁଲି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । ୧୭ ବର୍ଷରୁ କମ୍ ବାଳକ ବର୍ଗରେ କେନ୍ଦୁଝର ଜିଲ୍ଲା ଚମ୍ପିୟାନ ହୋଇଥିବା ବେଳେ ଭୁବନେଶ୍ୱର ରନର୍ସ ଅପ୍, ୧୭ ବର୍ଷ ରୁ କମ୍ ବାଳିକା ବର୍ଗରେ ଭୁବନେଶ୍ୱର ଚମ୍ପିୟାନ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲା ରନର୍ସ ଅପ୍, ୧୪ ବର୍ଷ ରୁ କମ୍ ବାଳକ ବର୍ଗରେ କେନ୍ଦୁଝର ଜିଲ୍ଲା



ଚମ୍ପିୟାନ ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲା ରନର୍ସ ଅପ୍, ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଭୁବନେଶ୍ୱର ଚମ୍ପିୟାନ ହୋଇଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର କ୍ରୀଡାବିତ୍ ଗଣ ରନର୍ସ ଅପ୍ ହୋଇଥିଲେ । ଚଳିତ ବର୍ଷ ଭୁବନେଶ୍ୱରର ଜିତେନ ବାଗ ୧୦୦ ମି. ଦୌଡ଼ ପ୍ରତିଯୋଗିତାକୁ ୧୦.୭୪ ସେକେଣ୍ଡ ରେ ଅତିକ୍ରମ କରି ନୂଆ ରେକର୍ଡ଼ ପ୍ରତିଷ୍ଠା କରିଛନ୍ତି । ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ବଣଂପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୃପ୍ତିମୟୀ ପାତ୍ର, ତେଲକୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ, ଚମ୍ପୁଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ସାହୁ, ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ, ହାଟଡିହି ଗୋଷ୍ଠୀ ଅଧିକାରୀ ଓଁକାର ଅନ୍ୱେଷ, ଧରଣୀଧର କ୍ରୀଡ଼ା ଛାତ୍ରାବାସ ପରିଚାଳକ ଜିତେନ୍ଦ୍ର ମହାକୁଡ଼, ଡି.ଏନ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି, ଏନ୍.ଏସ୍. ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ସନଛଭେଞ୍ଜ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଜନାର୍ଦ୍ଦନପୁରର ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକୁ ତଦାରଖ କରିଥିଲେ । କେନ୍ଦୁଝର ଓଷ୍ଟା ସଭାପତି ରଘୁନାଥ ବେହେରା, ଉପ ସଭାପତି ମନ୍ମଥ ମହାନ୍ତ ଶିକ୍ଷକ ଗୁରୁଦେବ ମହାନ୍ତ, ବିଜୟ କୁମାର ବେହେରା, ସୌଭାଗ୍ୟ ଦାସ, ସୁରେଶ ଚନ୍ଦ୍ର ନାୟକ, ଅଜ୍ଞାନ କୁମାର ଚାନ୍ଦ, କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ବାରିକ, ଜଗବନ୍ଧୁ ମହାନ୍ତ, ରଞ୍ଜନ କୁମାର ମହାନ୍ତ, ସୁରେଶ ଭୂୟାଁ, ଲକ୍ଷ୍ମୀ ନାରାୟଣ ସି, ସୁରେଶ ପଲେଇ, ନିରଞ୍ଜନ ଦେହୁରୀ, କ୍ଷୀରୋଦ ବେହେରା, ସଦାଶିବ ମହାପାତ୍ର, ଲମ୍ବୋଦର ମହାନ୍ତ, ସମରଜିତ ସିଂ, ଦେବାଶିଷ ରାଉତ, ତୃପ୍ତିମୟୀ ବାରିକ, ଜ୍ୟୋତି କମଲ, ଭାଗ୍ୟଶ୍ରୀ ମହାନ୍ତ, ପ୍ରିୟଙ୍କା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏ.ବି.ସି.ଡି.ଆର୍ ୟୁନାଇଟେଡ ଅଙ୍ଗିକଳାର ଶିକ୍ଷୟିତ୍ରୀ ସମୟଶ୍ରୀ ଚାଟାର୍ଜୀ ମଂଚ ସଂଚାଳନ କରିଥିଲେ । ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଫକୀର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ପରିଦର୍ଶନ

ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟସ୍ଥ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ସମ୍ପ୍ରସାରଣ କାମ ଜୋରସୋରରେ ଚାଲୁ ରହିଛି । ମାନ୍ୟବର ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଏୟାରପୋର୍ଟ ଉପଦେଷ୍ଟା ଶ୍ରୀ ସୁରେଶ କୁମାର ହୋତାଙ୍କ ସହିତ ଏକ ଯାଁ* ଦଳ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ପରିଦର୍ଶନ କରି ଏୟାରଷ୍ଟ୍ରିପ ସମ୍ପ୍ରସାରଣ କାର୍ଯ୍ୟ ଅନୁଧାନ କରିଥିଲେ । ଏହାକୁ କିପରି ୧୨୦୦ ମିଟର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇ ଏକ ପୂର୍ଣ ବିମାନବନ୍ଦର ଭାବେ କାର୍ଯ୍ୟକ୍ଷମ କରିହେବ ସେଥିପାଇଁ ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ କରିଥିଲେ । ଏହା ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଯିବା ପାଇଁ ଏକ ରାସ୍ତା ବିମାନବନ୍ଦର ସମ୍ପ୍ରସାରଣରେ ବ୍ୟବହାର ନକରି ଅନ୍ୟ ଦିଗରେ କିପରି କରିହେବ ତାହା ମଧ ଅନୁଧାନ କରିଥିଲେ । ଏହି ସମୟରେ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସତ୍ୟବାନ ପଟେଲ ଏବଂ କନିଷ୍ଠ ଯନ୍ତ୍ରୀ ତଥା ବିଭାଗର ଅଧିକାରୀ ଗଣ ଉପସ୍ଥିତ ଥିଲେ । ବିମାନବନ୍ଦର ଟି କାର୍ଯ୍ୟକ୍ଷମ ହେଲେ ଗଞ୍ଜାମବାସୀଙ୍କ ବହୁ ପ୍ରତିକ୍ଷୀତ ଆଶା ପୂରଣ ହୋଇପାରିବ ବୋଲି ସାଧାରଣରେ ପ୍ରତିକ୍ରିୟା ଆସିଛି ।





# ଜାତୀୟ ପ୍ରେସ ଦିବସ -୨୦୨୪ ପାଳିତ



ବୈଶିଙ୍ଗା (ନି.ପ୍ର.): ବେତନଟୀ ଧର୍ମଶାଳା ଠାରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ - ୨୦୨୪ ଆଜି ପାଳିତ ହୋଇଯାଇଛି । ସଙ୍ଗଠନର ସଭାପତି ସର୍ବେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ ।, ସ୍ୱତନ୍ତ୍ର ଅତିଥି ଭାବେ ଲୋକପ୍ରିୟ ବଡସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ପଦ୍ମମାଳୀ ମହିଳା ସଙ୍ଗଠନର ସଭାପତି ତଥା ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ସଂଯୁକ୍ତା ଜୀ, କୃଷ୍ଣଚନ୍ଦ୍ରପୁର ଜୁନିୟର କଲେଜର ଅଧକ୍ଷା ଡ. ମନ୍ଦାକିନୀ ସାହୁ, ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ସମାଜରେ ସାମ୍ବାଦିକର ଭୂମିକା ସମ୍ପର୍କରେ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସର୍ବ ପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସଙ୍ଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତି ଓ ସ୍ୱର୍ଗତ ସଂଘର ପୂର୍ବତନ ସମ୍ପାଦକ ମଧୁସୂଦନ ଦାଶ ଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଂଘ ର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମଂଚବପରିଚାଳନାରେ ସଂଘର ଉପଦେଷ୍ଟା ଆଶିଷ କୁମାର ଦାସ ମଂଚ ପରିଚାଳନା କରିଥିଲେ । ଏହି ସଭାରେ ବେତନଟୀ ବ୍ଲକର ଶ୍ରେଷ୍ଠ ଆଶା ଦିଦି ସୁଶିଳା ବାରିକ, ଶ୍ରେଷ୍ଠ ଅଙ୍ଗନୱାଡି ଦିଦି ଜୟନ୍ତୀ ପଣ୍ଡା, ଶ୍ରେଷ୍ଠ ଆଇନଜୀବୀ ଭାବରେ ହୁସନା ନେସନ, ଶ୍ରେଷ୍ଠ ସାମ୍ବାଦିକ ଭାବରେ ଅମିୟ କୁମାର ବଳା, ଶ୍ରେଷ୍ଠ ଲେଖକ ଭାବରେ ପର୍ଶୁରାମ ସାହୁ, ଶ୍ରେଷ୍ଠ ପୋଲିସ ଅଧିକାରୀ ଭାବରେ ସସ୍ମିତା ମହାନ୍ତଙ୍କୁ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଅଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଜର୍ଣ୍ଣାଲିଷ୍ଟ ୟୁନିୟନର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ଓଜେୟୁ ମୟୂରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ବାରିକ, ସଏଦ ସିରାଜୁଦ୍ଦିନ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଏବିଇଓ ରମାକାନ୍ତ ମହାନ୍ତ, ରାଗଧା ଜୁନିୟର କଲେଜର ଅଧକ୍ଷ ଅନନ୍ତ ନାରାୟଣ ମିଶ୍ର, ଅଧ୍ୟାପକ ଦୀପ୍ତିପ୍ରକାଶ ମହାନ୍ତ, ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପରିଡା, ମଣ୍ଡଳ ସଭାପତି ରାଜକିଶୋର ଶାହା, ସମ୍ପାଦକ ଜୀବନ କୁମାର ପରିଡା, ପୂର୍ବତନ ବ୍ଲକ ଅଧକ୍ଷା ଅମ୍ବିକା ବାରିକ, ପୂର୍ବତନ ବ୍ଲକ ବିଜେଡି ସଭାପତି ସୁନ୍ଦରମୋହନ ମହାନ୍ତ, ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ଉପସଭାପତି ସୋନା ଖାତୁନ, ମୀନାକ୍ଷୀ ପରିଡା, ରଞ୍ଜିତା କର, ଅନିନ୍ଦିତା ସାହୁ, ବିନୋଦିନୀ ମହାନ୍ତ, ପଦ୍ମଶ୍ରୀ ଦେ, ମନୋରମା ସାହୁ , ହରପ୍ରିୟା ଦାସ ଓ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପଲ୍ଲିତ ଥିଲେ । ଶେଷରେ ସଂଘ ର ଉପ ସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ଥର ବ୍ରହ୍ମପୁର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା - ୨୦୨୪ ଅନୁଷ୍ଠିତ

ବ୍ରହ୍ମପୁର(ନି.ପ୍ର.) : ସ୍ଥାନୀୟ ଇଂନିୟାର ସ୍କୁଲ ପଡିଆ ମଇଦାନରେ "ପ୍ରଥମ ବ୍ରହ୍ମପୁର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା - ୨୦୨୪ ଗୁପ୍ତା ଇଭେଂଟ ମ୍ୟାନେଜମେଂଟ ପ୍ରିଲି ପକ୍ଷରୁ ଉଦଘାଟନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ବ୍ରହ୍ମପୁର ମେହେର ସଂଘମିତ୍ରା ଦଳେଇ ଯୋଗ ଦେଇ ଉଦଘାଟୀତ କରିଥିଲେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଶାନ୍ତ ସାବତ, ବରିଷ୍ଠ ସାମ୍ବାଦିକ ଅଶୋକ ବ୍ରହ୍ମକ୍ଷ, ସକାଳ ସଂସ୍କାରଣ ମୁଖ୍ୟ ଶକ୍ତି ଧର ରାଜାଗୁରୁ, ସାମ୍ବାଦିକ ଗୋପାଳ ପଟ୍ଟନାୟକ, ସୁଦିପ ସାହୁ, ସାମ୍ବାଦିକ ଅନନ୍ତ ରାମ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ କ୍ଷ ଏହି ମଲ୍ଟି ସେକ୍ଟର ଈ୨ଈ ଏବଂ ଈ୨ଉ ପ୍ରଦର୍ଶନୀ ଭୁବନେଶ୍ୱରରେ ଏକ ମାଇଲଖୁଂଟ ଇଭେଂଟ, ଯାହା ୨୦ ଟି ରାଜ୍ୟ ଏବଂ ୮ ଟି ଦେଶରୁ ଅଂଶଗ୍ରହଣ କରିଛନ୍ତି । ଡିଜାଇନ୍ ହୋଇଥିବା ଆଉଟଲେଟ ଗୁଡିକ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୂକ୍ତ । ଏହି ମେଳାରେ ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ,



ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଉତ୍ପାଦମାନ ସହିତ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସ ପରିଦର୍ଶକମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ-ଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ୍, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଏବଂ ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, , ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, ତୁର୍କୀ ମିଠା, କାଶ୍ମୀରୀ ଫର୍ଣ୍ଣିଚର୍, ଇରାନୀ ଗହଣା, ମାଲେସିଆର ଫାଉଏନ୍ଟନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ଅଛି । ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହିତ, ଉପସ୍ଥିତ ଲୋକମାନେ ଖାଦ୍ୟ ଜୋନ୍ ରେ ଉପଲବ୍ଧ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ପାଇପାରିବେ । ୫୦୦,୦୦୦ ରୁ ଅଧିକ ପରିଦର୍ଶକ ଏହି ୧୧ ଦିନିଆ ଇଭେଂଟର ଭରପୁର ଲାଭ ଉଠାଇବା ସହ, ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରେ ସୁଲଭ ମୂଲ୍ୟରେ ପାଇପାରିବ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଜିତ କୁମାର ଗୁପ୍ତା କହିଛନ୍ତି ।ଏହି ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସଂଯୋଗ ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରଖାଯାଇଛି । ଗୁପ୍ତା ଇଭେଂଟ ମ୍ୟାନେଜମେଂଟ ପ୍ରି । ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଜିତ କୁମାର ଗୁପ୍ତା ଏବଂ ଶ୍ରୀମତୀ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଏହି ବିଶ୍ୱବ୍ୟାପୀ ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପାଇଁ ଅତୁଳନୀୟ ପ୍ଲାଟଫର୍ମ ସୃଷ୍ଟି କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ରଶ୍ମି, ଆକାଶ ଶ୍ୱେତା, ଆଦିତ୍ୟ, ଅନୁପ ପ୍ରମୁଖ ଉପସିତ ରହି ସହଯୋଗ କରିଥିଲେ ଶେଷରେ ସୁଜୀତ ଗୁପ୍ତା ଧନ୍ୟବାଦ ଦେଇଥିଲେ ।

## ରାଜ୍ୟସ୍ତରୀୟ ଜାତୀୟ ... ୧ମ ପୃଷ୍ଠାର ଅବଶିଷ୍ଟାଂଶ

ସବୁ ସରକାରୀ କର୍ମଚାରୀ ଏବଂ ଗଣମାଧ୍ୟମ ଜନସାଧାରଣଙ୍କ ଆଶାଆକାଂକ୍ଷାକୁ ପୂରଣ କରିବା ପାଇଁ କାମ କରିଥା'ନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ କହିଥିଲେ, ବିଗତ ଦଶନ୍ଧିରେ ଗଣମାଧ୍ୟମ ପରିଦୃଶ୍ୟରେ ଅନେକ ପରିବର୍ତ୍ତନ ଆଣିଛି । ମୁଦ୍ରିତ ଗଣମାଧ୍ୟମର କ୍ରମବିକାଶ ସହିତ ବୈଦ୍ୟୁତିକ ଗଣମାଧ୍ୟମର ଉଦ୍ଭବ ହୋଇଛି ଏବଂ ବର୍ତ୍ତମାନ ଆମେ ସମସ୍ତେ ଡିଜିଟାଲ ମିଡିଆର ଯୁଗରେ ପହଂଚିଛୁ । ଫଳରେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପରିବର୍ତ୍ତିତ ସମୟ ସହିତ ତାଳ ଦେଇ ବଦଳିବାକୁ ପଡ଼ିଛି । ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ସମୟ ତୁଳନାରେ ବର୍ତ୍ତମାନ ଗଣମାଧ୍ୟମର ଆକାର, ପ୍ରକୃତି ତଥା ପରିସର ବଦଳିଛି ଓ ବ୍ୟାପକ ହୋଇଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଭାରତୀୟ ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ମତ ରଖିଥିଲେ । ସେ କହିଥିଲେ ସମ୍ବିଧାନ ଭାରତୀୟ ଗଣତନ୍ତ୍ରର ମୂଳପିଣ୍ଡ ଏବଂ ଏଥିରେ ସ୍ୱାଧୀନ ଭାବେ ମତ ରଖିବାର ଅଧିକାର ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହା ଜରିଆରେ ଗଣମାଧ୍ୟମକୁ ବି ସ୍ୱାଧୀନତା ମିଳିଛି । କାର୍ଯ୍ୟକ୍ରମରେ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧଜୀବୀମାନେ ଅଂଶଗ୍ରହଣ କରିଥିଲେ ।

# ମିଶନ ଆଶ୍ରା ଅନ୍ତେବାସୀଙ୍କ ବୋଇତ ବନ୍ଦାଣ

ଝାରସୁଗୁଡା,(ନି.ପ୍ର.): ଜିଲ୍ଲା ପ୍ରଶାସନ, ଜିଲ୍ଲା ଖଣିଜ ପାଣ୍ଠି ଏବଂ ପିପୁଲସ ଫୋରମ୍ ଦ୍ୱାରା ପରିଚାଳିତ ମିଶନ ଆଶ୍ରା ୧ ଓ ମିଶନ ଆଶ୍ରା ୨ ରେ ଚିକିତ୍ସିତ ହେଉଥିବା ମାନସିକ ବିକାର ଗ୍ରସ୍ତ ମହିଳା ମାନେ କେନ୍ଦ୍ର ର କର୍ମଚାରୀ ଙ୍କ ସହ ମିଶି ମିଶନ ଆଶ୍ରା ପ୍ରାଙ୍ଗଣ ରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମିଶନ ଆଶ୍ରା ର ୨ଟି କେନ୍ଦ୍ର ରୁ ୩୦ ଜଣ ଅନ୍ତେବାସିନୀ ଓ କର୍ମଚାରୀ ମାନେ ଆଜି ସକାଳେ ମିଶନ ଆଶ୍ରା ପରିସରରେ ଥିବା କୃତ୍ରିମ ପୋଖରୀ ରେ ନିଜ ହାତ ରେ ତିଆରି କରିଥିବା ଡ଼ଙ୍ଗା ଟିକୁ ପ୍ରଥମେ ଭସାଇଥିଲେ । ପରେ ମଧ୍ୟ ଅନ୍ତେବାସିନୀ ମାନେ ନିକଟସ୍ଥ ଇବ ନଦୀ କୁ ଯାଇ 'ଆ କା ମା ବୈ ପାନ ଗୁଆ ଥୋଇ' ଗୀତ କୁ ମିଳିମିଶି କରି ଗାଇ କରି ବୋଇତ କୁ ଭସାଇ ଥିଲେ । ପରେ ବୋଇତ ବନ୍ଦାଣ ସାରି ଅନ୍ତେବାସିନୀ ମାନଙ୍କୁ ନେଇ ବ୍ରଜରାଜନଗର ସ୍ଥିତ ସାଇ ମନ୍ଦିର ଦର୍ଶନ କରି ମାନସିକ ରୋଗରୁ ସମ୍ପୂର୍ଣ ଭଲ ହୋଇ ଘରକୁ ଫେରିବାକୁ କାମନା କଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ

ନୀଳଗିରି(ନି.ପ୍ର.) ନୀଳଗିରି ଉପଗଣ୍ଡ ଈଶ୍ୱରପୁରପଂଚାୟତ ର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ଶିଶୁ ଦିବସ ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ବିଜ୍ଞନ ମେଳା ଅନୁଷ୍ଠିତ ହୋଇ ଯାଇଛି କ୍ଷ ମୁଖ୍ୟ ଅତିଥି ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ଅନୁଜିଜ୍ଞା ପ୍ରଧାନ ବିଜ୍ଞାନ ମେଳା ର ଶୁଭ ଉଦଘାଟନ କରିଥିବା ବେଳେ ବିଦ୍ୟାଳୟ ର ସମ୍ପାଦକ ଅଶ୍ୱିନୀ କୁମାର ମତଗଜ ଙ୍କ ଅଧକ୍ଷତା ରେ ଏକ ସଭା ର ଆୟୋଜନ ହୋଇଥିଲା । ସ୍କୁଲ ର ସଭାପତି ଅନନ୍ତ କିଶୋର ବାରିକ, ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ସାଗରୀକା ପରିଡା, ବିଜ୍ଞାନ ଶିକ୍ଷକ ଜ୍ୟୋତି ରଞ୍ଜନ ବେହେରା ମଂଚାସିନ ରହି ସଭାରେ ଉପସ୍ଥିତ ଥିଲେ କ୍ଷ ଏହି ବିଜ୍ଞାନ ମେଳା ରେ ନର୍ସରୀ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୬ ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ଶତାଧିକ ଛାତ୍ର ଛାତ୍ରୀ ଙ୍କ ସହିତ ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ଥିଲେ କ୍ଷ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା କ୍ଷ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଇରା ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସ

ଖଇରା(ନି.ପ୍ର.) ବାଲେଶ୍ୱର ଜିଲା ଖଇରା ବ୍ଲକ ସାମ୍ବାଦିକ ପ୍ରକୋଷ୍ଠ ରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ଉତ୍କଳବନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଇରା ତହସିଲଦାର ଜିତେନ୍ଦ୍ର ମୁର୍ମୁ ମୁଖ୍ୟଅତିଥି,ଖଇରା ଥାନାଧିକାରିଣୀ ମୌସୁମୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବନ୍ୟାବାତ୍ୟା ରେ ଗଣମାଧ୍ୟମ ପ୍ରତିନିଧି ମାନେ ଜିବନକୁ ବାଜି ଲଗାଇ ଗ୍ରାଉଣ୍ଡ ଜିରୋରେ କାମ କରୁଥିବାରୁ ତାଙ୍କ ସାମାଜିକ ଓ ଆର୍ଥୀକ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବାର ଆବଶ୍ୟକତା ଅଛି ବୋଲି କହିଥିଲେ । ସଂଘର ଉପଦେଷ୍ଟା ଅନାମ ଚରଣ ପଣ୍ଡା,ଉପସଭାପତି ତପୋଧନ ବାରିକ,କୋଷାଧକ୍ଷ ଧନଞ୍ଜୟ ପଣ୍ଡା,ଉମେଶ କୁମାର ଜେନା,ଦୁର୍ଗାମାଧବ ଓଝା,ସଭ୍ୟ ରଘୁନାଥ ସାମଲ,ପଦ୍ମଲୋଚନ ଦାସ,ଦେବବ୍ରତ ଦାସ,ଛାୟାକାନ୍ତ




ମହାନ୍ତି,ମନୋଜ ପ୍ରଧାନ,ପ୍ରଶାନ୍ତ କୁମାର ବେହେରା,ସମ୍ଭୁନାଥ ନାୟକ,ସତ୍ୟଭାମା ପ୍ରଧାନ,ଅନାଦି ନାୟକ,ବିସ୍ମୟ ବେହେରା,ଗୌତମ ମୁଖି,ଜୟନ୍ତ କୁମାର ରାଉତ,ରମାକାନ୍ତ ଶତପଥି ପ୍ରମୁଖ ଖବରଦାତା ମାନେ ଭୋଗୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ବଳରାମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ ସଡକଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବା କାର୍ଯ୍ୟରତ ସାମ୍ବାଦିକ ସଞ୍ଜୟ କୁମାର ବେହେରାଙ୍କ ଆଶୁ ଆରୋଗ୍ୟଲାଗି ଇଶ୍ୱର ନିକଟରେ ପ୍ରାର୍ଥନା କରାଯାଇଥିଲା ।

# ସୋର ଅଦାଲତ ତରଫରୁ ଶିଶୁ ଦିବସ ଓ ସଚେତନତା ଶିବିର

ସୋର,(ନି.ପ୍ର.) ସୋର କୋର୍ଟ ତାଲୁକ୍ ଆଇନ ସହାୟତା କମିଟି ତରଫରୁ ଶିଶୁଦିବସ ଓ ଶିଶୁଙ୍କ ସୁରକ୍ଷା ଓ ନ୍ୟାୟ ଅଧିକାର ସମ୍ବନ୍ଧୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଉ□ରେଶ୍ୱର ସ୍ଥିତ ସେ□ ଜାଭିଅର୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋର କୋର୍ଟର ସିନିୟର ସିଭିଲ ଜଜ ରାଜେଶ କୁମାର ଦାସ, ଆସିଷ୍ଟାଣ୍ଡ ସେସନସ ଜଜ୍ ରାକେଶ କୁମାର ସାହୁ ତଥା ସୋର ତାଲୁକ୍ ଆଇନ ସହାୟତା କମିଟିର ଚେୟାରମ୍ୟାନ ଶିଳା ପ୍ରିୟଦର୍ଶିନୀ ପଣ୍ଡା ଯୋଗଦେଇ ସାମଗ୍ରିକ ବିକାଶ ଓ ବିକଶିତ ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଆଇନଜିବୀ ଚି□ରଞ୍ଜନ ମହାପାତ୍ର ଓ ଧୀରେନ୍ଦ୍ର କୁମାର ଦାସ,ବିଦ୍ୟାଳୟର ଅଧକ୍ଷ ପର୍ଶୁରାମ ବେହେରା, ଶିଶୁଦିବସ ଓ ଶିଶୁମାନଙ୍କର ସାମ୍ବିଧାନିକ ଓ ନ୍ୟାୟ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସ୍କୁଲର ୧୭ ଜଣ ଛାତ୍ର ଛାତ୍ରୀ ଶିଶୁଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ସଭାରେ ପୁରସ୍କୃତ କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ କାହ୍ନୁ ଚରଣ ବେହେରା ପରିଚାଳନା କରିଥିଲେ । ଲିଗାଲ ଏଡ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ବିଶ୍ୱରଂଜନ ବାରିକ, ସ୍ୱେଚ୍ଛାସେବୀ ସନତ କୁମାର ପାତ୍ର, ତପସ୍ୱିନୀ ପାତ୍ର, ଶଶିକାନ୍ତ କର, ଦେବାଶିଷ ଦାସ, ସ୍ମିନିମୟୀ ଅରଖ, ସୁକାନ୍ତି ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ସ୍କୁଲର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିବା ବେଳେ ସ୍କୁଲର ପ୍ରତିଷ୍ଠାତା ଚେୟାରମ୍ୟାନ ବନମାଳୀ ଦାସ ଯୋଗଦେଇଥିଲେ ।

# ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଏବଂ ଓଡ଼ିଶା ସରକାରଙ୍କ ସହଭାଗିତାରେ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ 'ନନ୍ଦଘର'ରେ ପରିଣତ କରାଯିବ

ଝାରସୁଗୁଡା(ନି.ପ୍ର.): ଶିଶୁ ଦିବସ ଅବସରରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ (ଡିଏସଡବ୍ଲୁଓ) ସହିତ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ କରିବାକୁ ଏକ ସ୍ମାରକପତ୍ର ସ୍ୱାକ୍ଷର କରିଛି, ଯାହାକି ଆଧୁନିକୀକରଣ ଅଙ୍ଗନୱାଡି ଯାହା ମହିଳା ଏବଂ ଶିଶୁ ବିକାଶର କେନ୍ଦ୍ର ଭାବରେ କାର୍ଯ୍ୟ କରିଥାଏ । ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗରେ ଝାରସୁଗୁଡା ଜିଲ୍ଲା ମାଜିଷ୍ଟ୍ରେଟ



ତଥା କଲେକ୍ଟର ଶ୍ରୀମତି ଅବୋଲି ନରଭାନେଙ୍କ ସମେତ, ସରକାରୀ ଓଡିଶାଙ୍କ ରାଜସ୍ୱ ମନ୍ତ୍ରୀ, ଶ୍ରୀ ସୁରେଶ ପୂଜାରୀ, ବିଧାୟକ, ଝାରସୁଗୁଡା, ଶ୍ରୀ ଟଙ୍କଧର ତ୍ରିପାଠୀ, ପୁଣ୍ୟବତୀ ହେଲେନ ଜେସ୍, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସଡବ୍ଲୁଓ) ଝାରସୁଗୁଡା, ଝାରସୁଗୁଡାର ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଧାକାନ୍ତ ଗାର୍ଟିଆ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତି ଥିଲେ ।

# ଶିଶୁ ଦିବସ ଓ ବୋଇତ ବନ୍ଦାଣ ଉତ୍ସବ

ଝାରସୁଗୁଡା (ନି.ପ୍ର.)- ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଦିବସ ଓ ବୋଇତ ବନ୍ଦାଣ ଉତ୍ସବ ଓ ପଣ୍ଡିତ ଜବାହରଲାଲ ନେହେରୁ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ରାଉତ ଯୋଗ ଦେଇ ଓଡ଼ିଆଜାତିର ଗୌରବମୟସ୍ମୃତି ସମ୍ପର୍କରେ କହିଥିଲେ । ଶିଶୁ ପ୍ରାରମ୍ଭରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସୋଲ, କଦଳୀ ପଟୁଆରେ ୨୮୦ଟିଡଙ୍ଗା ପ୍ରଦର୍ଶନ କରିଥିବାବେଳେ ଚତୁର୍ଥ ରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ୩୫୦ଟି ଡଙ୍ଗାନିଜ ହାତରେ ପ୍ରସ୍ତୁତ କରି ପ୍ରତିଯୋଗୀତାରେ ଅଂଶଗ୍ରହଣକରିଥିଲେ କ୍ଷ ବିଚାରକ ଭାବରେ ମାନସୀ ପଣ୍ଡା, ବାର୍ଷାରାଣୀ ବୁଦ୍ଦିଆ, ମାଳା କେଜ୍ରିୱାଲ ଆଶା ସାହା, କବିତା ନାୟକ, ପ୍ରିୟାରାଏ,



ସୁରଭିପଟେଲ ରବିକୁମାରଯୋଗ ଦେଇଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ.ସରୋଜ କୁଅଁର ସମ୍ପାଦକ ସୁବ୍ରତ ତ୍ରିପାଠୀ,ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ଅଶୋକସାକୁନିଆ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ଛାତ୍ରଛାତ୍ରୀମାନେ ଡଙ୍ଗା ଭସାଇବା ନିମନ୍ତେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ କୃତ୍ରିମ ଜଳାଶୟର ବ୍ୟବସ୍ଥା କରାଯାଇଥିଲା । ସେଥିରେ ଡଙ୍ଗା ଭସାଇ ପିଲାମାନେ ବହୁତ ଆନନ୍ଦିତ ହେଉଥିଲେ । ଓଡିଶାର କଳା,ସଂସ୍କୃତି ଐତିହ୍ୟ ଓ ଗୌରବମୟ ଇତିହାସକୁ ମନେପକାଇବା ନିମନ୍ତେ ଛାତ୍ରଛାତ୍ରୀମାନେ ସାଧବ ପୁଅ ବୋହୂ ତଅପୋଇ ବେଶ ହୋଇ ଗୀତ ଗାଇ ଅଭିନୟ କରିଥିଲୋ ପ୍ରଧାନ ଆଚାର୍ଯ୍ୟବିଜୟ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର ମଂଚସଂଚାଳନ ମମତା ଦାଶ ସଂଯୁକ୍ତା ସିଂଗୁରୁମା କାର୍ଯ୍ୟକ୍ରମ ସଂଯୋଜନାମିନାକ୍ଷୀ ପଣ୍ଡା, ସରିତା ପଣ୍ଡା, ମମତା ରାଉଳ, କବିତା ପଟେଲପିଙ୍କି ବରାଳ ଓ ସମସ୍ତ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା ।

# ଶ୍ରୀଜଗନ୍ନାଥ ଟ୍ୟୁଟରିଆଲର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

ନୀଳଗିରି (ନି.ପ୍ର.)ନଭେମ୍ବର ୧୪ ତାରିଖକୁ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୫ ତମ ଜୟନ୍ତୀ ଓ ଶିଶୁ ଦିବସ ଅବସରରେ ସମସ୍ତ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ପାଳନ କରାଯାଉଛି । ପ୍ରତ୍ୟକ ଶିଶୁ ସତ୍ୟବାଦୀ, ପରିଶ୍ରମୀ,ଦେଶକୁ ଭଲ ପାଇବା ଓ ଦେଶର ବିକାଶ ପାଇଁ ଚିନ୍ତା କରିବା ନେହେରୁଙ୍କ ଚିନ୍ତାଧାରା ଥିଲା । ଏହି ଅବସରରେ ନୀଳଗିରିର ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଥିବା ଅଗ୍ରଣ ଶ୍ରୀଜଗନ୍ନାଥ ଟ୍ୟୁଟରିଆଲ ରେ ଶିଶୁ ଦିବସ ପାଳନ କରାଯାଇଥିଲା।।ପରେ ଶିକ୍ଷାନୁଷ୍ଠାନ ର ପରିଚାଳକ



କୁମାର ଚନ୍ଦ୍ର ରାୟ ଙ୍କ ନେତୃତ୍ୱରେ ସୂଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମସ୍ତ ଛାତ୍ର/ଛାତ୍ରୀ ଶିଶୁ ମନ୍ଦିର ଠାରୁ ସୂର୍ଣ୍ଣଚୂଡ଼ ପାଦଦେଶ ରାସ୍ତା କୁ ପରିଷ୍କାର କରିଥିଲେ । ରାସ୍ତାକଡ଼ରେ ଥିବା ବୃକ୍ଷକୁ ଯତ୍ନ ନେବା ସହିତ ବିଦ୍ୟା ମନ୍ଦିରକୁ ଆସୁଥିବାବିଦ୍ୟାର୍ଥୀ,ଅଭିଭାବକ ଓ ପର୍ଯ୍ୟଟକ ମାନଙ୍କୁ ଏପରି ସ୍ୱଚ୍ଛତା ଉଦାହରଣ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମରେ ପରିଚାଳକ କୁମାର ଚନ୍ଦ୍ର ରାୟ, ସହଯୋଗୀ ଜ୍ୟୋତିପ୍ରଭା ସାହୁ, ରାଜନନ୍ଦନୀ ସେଠୀ,ମନୋଜ ଶତପତି, ନାରାୟଣ ପଣ୍ଡା,ଏଲିଜା ମହାପାତ୍ର, ଜୁଲି ହାଁସଦା ଏବଂ ସୂର୍ଣ୍ଣବ୍ରିଡ୍ ପାଠା ଗାରର ସଦସ୍ୟ ସହଯୋଗ କରିଥିଲେ । ଏପରି କାର୍ଯ୍ୟକୁ ସାଧାରଣରେ ବେଶ ପ୍ରସଂସା କରାଯାଇଛି ।

# ବେତନଟୀ ପ୍ରେସ୍ କ୍ଲବରେ ୫୮ତମ ପ୍ରେସଦିବସ ପାଳନ

ବୈଶିଙ୍ଗା (ନି.ପ୍ର.) ବେତନଟୀ ପ୍ରେସକ୍ଲବ୍ ଦ୍ୱାରା ୫୮ତମ ପ୍ରେସ ଦିବସ ବୈଶିଙ୍ଗାସ୍ଥିତ ରୟାଲ ବଗିଚାଠାରେ ମହାସମାରୋହରେ ପାଳନ କରାଯାଇଅଛି ।ଏଥିରେ କ୍ଲବ ସଭାପତି ପ୍ରକାଶ ବେହେରା ଅଧକ୍ଷତା କରିଥିଲେ ଓ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ, ଦୀପକ କୁମାର ସିଂହ , ସଂପାଦକ ପ୍ରେସ୍ କ୍ଲବ୍ ।ମଂଚରେ ସାମ୍ବାଦିକ ସତ୍ୟରଂଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବଡସାହିର ବିଧାୟକ ସନାତନ ବିଜୁଳି ସାମ୍ବାଦିକତାର ମହନୀୟତା, ସମାଜସେବା ମୁଖ୍ୟକର୍ମକୁ ଭୂୟସୀ ପ୍ରଶଂସା କରି ଆଗାମୀ ଦିନରେ ବୈଦ୍ୟୁତିକ ଗଣମାଧ୍ୟମର ଅପବ୍ୟବହାର ଉପରେ ସତର୍କ ଦୃଷ୍ଟି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥିରୂପେ ଅତିରିକ୍ତ ପୋଲିସ ଆରକ୍ଷୀ ଦୀପକ କୁମାର ଗୋଚ୍ଛାୟତ ଓ ଡଃ ରମାକାନ୍ତ ସିଂହ ପୂର୍ବତନ ଅଧକ୍ଷ ବେନତଟୀ ମହାବିଦ୍ୟାଳୟ ,ତାଙ୍କର ବକ୍ତବ୍ୟରେ ସାମ୍ବାଦିକମାନଙ୍କର ନିରପେକ୍ଷତା, ସଚ୍ଚୋଟତା, କର୍ମନିପୁଣତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ପ୍ରେସକ୍ଲବ ର ଉପଦେଷ୍ଟା ସଚ୍ଚିଦାନନ୍ଦ ମହାନ୍ତି ସାମ୍ବାଦିକତାର କାର୍ଯ୍ୟ, ପ୍ରେସକ୍ଲବ୍ ର ଗଠନ ଓ କାର୍ଯ୍ୟକାରୀତା, ଗଣତନ୍ତ୍ରର ୪ର୍ଥ ସ୍ତମ୍ଭର ଭୂମିକା ସଂପର୍କରେ ବକ୍ତବ୍ୟ ରଖିଥିଲେ ।କାର୍ଯ୍ୟକ୍ରମ ପରିଚାଳନାରେ ଅବିନାଶ ପଣ୍ଡା, ରଣଜିତ ନାୟକ, ଦେବବ୍ରତ ପରିଡା,ସତ୍ୟଜିତ ସାହୁ, ରଶ୍ମି ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।ସ୍ଥାନୀୟ ସେଂଟ ଜାଭିୟାର ଓ ତୋଟାପଡ଼ା ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ସଭାପତି ପ୍ରକାଶ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଝାନ୍ସୀରାଣୀ ମେଡିକାଲ କଲେଜ ଅଗ୍ନିକାଣ୍ଡ ଘଟଣା : ୧୦ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ

ଝାନ୍ସୀ: ୟୁପିର ଝାନ୍ସୀ ରାଣୀ ମେଡିକାଲ କଲେଜରେ ଅଗ୍ନିକାଣ୍ଡ ଘଟଣାରେ ମୋଟ୍ ୧୦ ଜଣ ନବଜାତ ଶିଶୁଙ୍କ ଜୀବନ ଯାଇଛି । ମୃତକଙ୍କ ମଧ୍ୟରୁ ୭ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଏବେ ବି ୩ ଜଣ ମୃତ ଶିଶୁଙ୍କୁ ଚିହ୍ନଟ କରାଯାଇନାହିଁ । ଚିହ୍ନଟ ହୋଇନଥିବା ମୃତ ଶିଶୁଙ୍କ ଡିଏନଏ ପରୀକ୍ଷା କରାଯାଇ ଚିହ୍ନଟ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି । ତେବେ ପ୍ରାଥମିକ ଯାଂଚରୁ ଅକ୍ସିଜେନ୍ କନସେନଟ୍ରେଟରରୁ ସର୍ଟ ସର୍କିଟ



ହୋଇ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି । ସେପଟେ ଅଗ୍ନିକାଣ୍ଡ ପରେ ମେଡିକାଲରୁ ଜୀବନ୍ତ ଉଦ୍ଧାର ହୋଇଥିବା ଶିଶୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଚିକିତ୍ସା କରାଯାଉଛି । ଉକ୍ତ ଘଟଣାରେ ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ମୋଦି ଲେଖିଛନ୍ତି, ଏହା ଅତ୍ୟନ୍ତ ହୃଦୟ ବିଦାରକ ଘଟଣା । ଉତରପ୍ରଦେଶ ଝାନ୍ସୀ ରାଣୀ ମେଡିକାଲ କଲେଜରେ ଅଗ୍ନିକାଣ୍ଡ ଘଟଣା ମନକୁ ବହୁତ ବ୍ୟଥିତ କରିଛି । ନିଜର ନିରୀହ ସନ୍ତାନଙ୍କୁ ହରାଇଥିବା ପରିବାରକୁ ମୋର ସମବେଦନା । ଏହି ଦୁଃଖ ସମୟରେ ଆପଣଙ୍କୁ ପ୍ରଭୁ ସହିବାର ଧର୍ଯ୍ୟ ଦିଅନ୍ତୁ ବୋଲି କହିଛନ୍ତି ମୋଦି । ଅନ୍ୟପଟେ କେନ୍ଦ୍ର ତରଫରୁ ମୃତ ଶିଶୁଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି ମୋଦି ।

# ସେନାକୁ ମିଳିବ ଦୂରଗାମୀ ଗାଇଡେଡ୍ ମିସାଇଲ୍, ୭୫ କି.ମି. ଲକ୍ଷ୍ୟଭେଦ କ୍ଷମତା

ନୂଆଦିଲ୍ଲୀ: ଭାରତୀୟ ସେନାକୁ ମିଳିବାକୁ ଯାଉଛି ଦୂରଗାମୀ କ୍ଷମତା ବିଶିଷ୍ଟ ଗାଇଡେଡ ମିଶାଇଲ । ଏହା ଚାଇନାର କ୍ଷେପଣାସ୍ତ୍ରକୁ ସହ ମୁକାବିଲା କରିବାକୁ ସକ୍ଷମ । ଚାରି ବର୍ଷ ଧରି ଅନୁଧ୍ୟାନ ପରେ ନଭେମ୍ବର ୧୦ରେ ହୋଇଥିବା ଶେଷ ପରୀକ୍ଷଣରେ ପିନାକା ରକେଟକୁ ସେନାରେ ବ୍ୟବହାର ପାଇଁ ମିଳିଛି ସବୁଜ ସଙ୍କେତ । ଏହି ଗାଇଡେଡ ପିନାକା ରକେଟର ଲକ୍ଷ୍ୟଭେଦ କ୍ଷମତା ୭୫ କିଲୋମିଟରରୁ ଅଧିକ ରହିଛି । ଏଥିରେ ଲାଗିଥିବା ଗାଇଡାନ୍ସ କିଟ୍ ଏହାକୁ ଯେକୌଣସି ଦିଗରେ ଗତି କରିବା ପାଇଁ ସାହାଯ୍ୟ କରିବ ।



ମିଳିଥିବା ସୂଚନା ଅନୁସାରେ, ଦ୍ୱିତୀୟ ପର୍ଯ୍ୟାୟରେ ପିନାକା ରକେଟର ଲକ୍ଷ୍ୟଭେଦ କ୍ଷମତା ପ୍ରଥମେ ୧୨୦ କିଲୋମିଟର ଓ ପରେ ୨୦୦ କିଲୋମିଟର ଯାଏ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ୪ଟି କମ୍ପାନି ସହ ମିଳିତ ଭାବେ ଏହାକୁ ବିକଶିତ କରିଛନ୍ତି । ଏହାର ଉତ୍ପାଦନ ପାଇଁ ଅନେକ ଫ୍ୟାକ୍ଟ୍ରି ପ୍ରସ୍ତୁତ ଅଛନ୍ତି । ଋଷ-ୟୁକ୍ରେନ ଯୁଦ୍ଧରେ ଦୂରଗାମୀ କ୍ଷମତା ବିଶିଷ୍ଟ ମିଶାଇଲର ସଫଳତା ଦେଖିବା ପରେ ଏହାର ଚାହିଦା ଅହେତୁକ ଭାବେ ବୃଦ୍ଧି ଘଟିଛି । କିନ୍ତୁ ଏହାର ଉତ୍ପାଦନ କ୍ଷମତା ସୀମିତ ରହିଛି । ଭାରତ ପାଖରେ ପ୍ରତିବର୍ଷ ଶହ ଶହ ରକେଟ ନିର୍ମାଣ କରିବାର କ୍ଷମତା ଥିବାବେଳେ ଆବଶ୍ୟକତା ଅନୁସାରେ ଏହାର କ୍ଷମତା ହଜାରେକୁ ବୃଦ୍ଧି କରାଯିବ । ପୁରୁଣା ପିନାକାର କ୍ଷମତା ୩୭ କିଲୋମିଟର ଥିଲାବେଳେ ଏହାର ଉତ୍ପାଦନ ଏବେ ବି ଜାରି ରହିଛି । ଏହା ବଦଳରେ ଦୂରଗାମୀ ରକେଟ ମଧ୍ୟ ନିର୍ମାଣ କରାଯାଇ ପାରିବ ।



# ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଂଚ ଦିନିଆ ଗସ୍ତରେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଂଚ ଦିନିଆ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ଆମନ୍ତ୍ରଣ କ୍ରମେ ମୋଦୀଙ୍କର ଏହା ପ୍ରଥମ ନାଇଜେରିଆ ଗସ୍ତ । ଏହି ଗସ୍ତକୁ ନେଇ ମୋଦୀ କହିଛନ୍ତି ଯେ ଆମର ରଣନୀତିକ ସହଭାଗିତା ଯାହାକି ଗଣତନ୍ତ୍ର ଓ ବହୁଳବାଦର ପାରସ୍ପରିକ ବିଶ୍ୱାସ ଆଧାରିତ ତାକୁ ସୁଦୃଢ଼ କରିବା ପାଇଁ ମୋର ଗସ୍ତ ଏକ ସୁଯୋଗ । ସେହିପରି ମୋଦୀ ବ୍ରାଜିଲରେ ୧୯ ତମ ଜି-୨୦ ଶିଖର ସମ୍ମିଳନୀରେ ଟ୍ରୋଇକା ସଦସ୍ୟ ଭାବେ ଯୋଗ ଦେବେ । ଏନେଇ ମୋଦୀ କହିଛନ୍ତି ଯେ ଗତ ବର୍ଷ ଭାରତ ସଫଳତାର ସହ ଅଧ୍ୟକ୍ଷତା କରିବା କରି ଜି-୨୦କୁ ଜନସାଧାରଣଙ୍କ ଜି-୨୦ ଭାବେ ଶୀର୍ଷକୁ ନେଇଥିଲା ଏବଂ ଗ୍ଲୋବାଲ ସାଉଥର ଅଗ୍ରାଧିକାରକୁ କାର୍ଯ୍ୟସୂଚୀରେ ସାମିଲ କରିପାରିଥିଲା । ଚଳିତ ବର୍ଷ ବ୍ରାଜିଲ ଏହେ ପରମ୍ପରାକୁ ଆଗକୁ ନେବ । 'ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ' ଦୃଷ୍ଟିକୋଣ ଅନୁଯାୟୀ ଫଳପ୍ରଦ ଆଲୋଚନାକୁ ମୁଁ ଅପେକ୍ଷା କରି ରହିଛି । ଅନ୍ୟାନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କରେ ଭାବ ବିନିମୟ କରିବାକୁ ମଧ୍ୟ ଏହି ସୁଯୋଗର ମୁଁ ସଦ୍‌ବ୍ୟବହାର କରିବି । ସେହିପରି ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲ୍ଲୀଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ଗୁୟାନା ଗସ୍ତ ମଧ୍ୟ କରିବେ । ବିଗତ ୫୦ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗୁୟାନା ଗସ୍ତ ହେବ । ଏହି ଗସ୍ତ ନେଇ ମୋଦୀ କହିଛନ୍ତି ଯେ ଐତିହ୍ୟ, ସଂସ୍କୃତି ଓ ନୈତିକତା ଆଧାରରେ ଆମର ସ୍ୱତନ୍ତ୍ର ସମ୍ପର୍କକୁ ରଣନୀତିକ ଦିଗକୁ ନେବାକୁ ଆମେ ଭାବ ବିନିମୟ କରିବୁ । ଭାରତର ଏକ ପୁରାତନ ସମୁଦାୟ ଯେଉଁମାନେ କି ୧୮୫ ବର୍ଷ ପୂର୍ବେ ଗୁୟାନା ଚାଲି ଯାଇଥିଲେ ସେମାନଙ୍କୁ ମୁଁ ସମ୍ମାନ ଜଣାଇବି ଏବଂ ଲୋକତନ୍ତ୍ରର ସାଥୀ ଭାବେ ସଂସଦରେ ମୁଁ ଉଦବୋଧନ ଦେବି ।

# ସିଙ୍ଗାପୁର ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାରଠାରୁ



ସିଙ୍ଗାପୁର ଗସ୍ତରେ ବାହାରିଛନ୍ତି । ଗସ୍ତ ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦର ପରିସରରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ନିମନ୍ତେ ଆଜି ବରିଷ୍ଠ ପ୍ରତିନିଧିଙ୍କ ସହ ସିଙ୍ଗାପୁର ଗସ୍ତ ଅଭିମୁଖେ ବାହାରିଛି । ନୂତନ ନିବେଶ ପାଇଁ ବିଶେଷକରି ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ୍ସ, ରସାୟନ, ଜାହାଜ ନିର୍ମାଣ, ଆର୍ଥିକ ସେବା, ସବୁଜ ଶକ୍ତି, ଇଲେକ୍ଟ୍ରୋନିକ୍ସକୁ ପ୍ରୋତ୍ସାହନ ଦେବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ସିଙ୍ଗାପୁରରେ ଓଡ଼ିଶାର ସୁଦୃଢ଼ ଶିଳ୍ପ ନୀତି ଏବଂ ନିବେଶ ପାଇଁ ଥିବା ସୁଯୋଗ ସମ୍ପର୍କରେ ଶିଳ୍ପପତିଙ୍କ ସହ ଆଲୋଚନା କରାଯିବ । ଆଗାମୀ ୫ ବର୍ଷରେ ରାଜ୍ୟରେ ମୋଟ ୫ ଲକ୍ଷ କୋଟିର ପୁଞ୍ଜି ନିବେଶ ପାଇଁ ସରକାର ଯୋଜନା କରିଛନ୍ତି । ନିବେଶ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି । ଓଡ଼ିଶାକୁ ଆହୁରି ଶିଳ୍ପ ସମୃଦ୍ଧ କରିବା ପାଇଁ ଖୁବ କମ ଦିନରେ ରାଜ୍ୟରେ 'ଉତ୍କର୍ଷ ଓଡ଼ିଶା' ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି । ଶିଳ୍ପ ଓ ବ୍ୟବସାୟକୁ ଅଧିକ ପ୍ରୋତ୍ସାହନ ଦେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରି 'ବିକଶିତ ଓଡ଼ିଶା' ନିର୍ମାଣ ପାଇଁ ଲୋକଙ୍କ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବ୍ୟବସାୟ ପାଇଁ ଶିଳ୍ପପତିଙ୍କ ପ୍ରଥମ ପସନ୍ଦ ହେବ ଓଡ଼ିଶା । ନିବେଶ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଏଠାରେ, ନିବେଶକମାନଙ୍କୁ ସମସ୍ତ ପ୍ରକାରର ସହଯୋଗ ଓ ସୁଯୋଗ ଦେବେ ଓଡ଼ିଶା ସରକାର । ସିଙ୍ଗାପୁରର ବିଭିନ୍ନ ଶିଳ୍ପପତିମାନଙ୍କୁ ଏକଥା କୁହାଯାଇ ଓଡ଼ିଶା ପ୍ରତି ଆକୃଷ୍ଟ କରାଯିବ ।

# ଲୋକସେବା ଭବନରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଓ ସାନିଟାରୀ ନାପକିନ୍ ଡିସପୋଜେବଲ ମେସିନର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଲୋକସେବା ଭବନରେ ମହିଳା କର୍ମଚାରୀଙ୍କ ପାଇଁ ଆଶ୍ୱସ୍ତି । ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ଲୋକସେବା ଭବନରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଓ ସାନିଟାରୀ ନାପକିନ୍ ଡିସପୋଜେବଲ ମେସିନ୍ ସ୍ଥାପନକୁ ଉଦ୍ଘାଟନ କରିଛନ୍ତି । ମହିଳା ଶୌଚାଳୟ କମ୍ପ୍ଲେକ୍ସ ଏବଂ ଲେଡିଜ୍ କମନ୍ ରୁମ୍ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ମେସିନ୍ ଲଗାଯାଇଛି । ମହିଳାମାନଙ୍କ ପାଇଁ ସ୍ୱଚ୍ଛତା, ଅଧିକ ସମାବେଶୀ ଏବଂ ସହାୟକ କର୍ମକ୍ଷେତ୍ର ସୃଷ୍ଟି ଦିଗରେ ଏହା ଏକ ପ୍ରଗତିଶୀଳ ପଦକ୍ଷେପ । ଅଭିଯୋଗ ସମାଧାନ ପାଇଁ ପରିସରକୁ ଆସୁଥିବା ମହିଳାଙ୍କ



ସୁବିଧାକୁ ସୁନିଶ୍ଚିତ କରିବ । ଖୁବ୍ ଶୀଘ୍ର ସଚିବାଳୟ ବିଲ୍ଡିଂର ସମସ୍ତ ମହିଳା ଶୌଚାଳୟରେ ଏହି ସୁବିଧା ଉପଲବ୍ଧ ହେବ । ଏଥି ସହ ଲୋକସେବା ଭବନ ପରିସରରେ ଛୋଟ ପିଲାମାନଙ୍କ ପାଇଁ ଥିବା କ୍ରେଚ୍ ପରିଦର୍ଶନ କଲେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା । ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ଛତିଶଗଡ :କାଙ୍କେର -ନାରାୟଣପୁର ଜିଲ୍ଲାର ସୀମାରେ ପୋଲିସ-ନକ୍ସଲ ଏନକାଉଂଟର

କାଙ୍କେର/ ରାଜନାନ୍ଦଗାଓଁ/ ରାୟପୁର : ଛତିଶଗଡର କାଙ୍କୋର ଏବଂ ନାରାୟଣପୁର ଜିଲ୍ଲାର ସୀମାବର୍ତୀ ଅଂଚଳରେ ଆଜି ସକାଳେ ପୋଲିସ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏନକାଉଂଟର ହେବାର ଖବର ରହିଛି । ପୋଲିସ ଅଧୀକ୍ଷକ ଆଇ କେ ଏଲିସେଲା ଏନକାଉଂଟରକୁ ନିଶ୍ଚିତ କରିଛନ୍ତି । ଏନକାଉଂଟରରେ ଅନେକ ନକ୍ସଲଙ୍କ ମୃତ୍ୟୁ ହେବାର ଖବର ରହିଛି । ବର୍ତମାନ ଆନୁଷ୍ଠାନିକ ଭାବେ ଏହା ନିଶ୍ଚିତ ହୋଇନାହିଁ ।ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଅଦ୍ଧାର କରାଯାଇଛି । ଏଥିସହିତ,ରାଜନାନ୍ଦଗାଓଁରେ ସଟେ ମୋହଲା ମାନପୁର ଅମ୍ବାଗଢ ଆଉଟପୋଷ୍ଟରେ ଶୁକ୍ରବାର ରାତି ପୋଲିସ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏନକାଉଂଟର ହୋଇଥିଲା । ମୋହଲା ମାନପୁର ଅମ୍ବାଗଢ ପୋଲିସ ଅଧୀକ୍ଷକ ୱାଇ ପୀ ସିଂହ କହିଛନ୍ତି ଏହି ଏନକାଉଁଟର ଶୁକ୍ରବାର ରାତି ଚାରିରୁ ପାଂଚ ମଧ୍ୟରେ ହୋଇଥିଲା । କ୍ସଲମାନଙ୍କ ଖୁର୍ସକଲା ଜଙ୍ଗଲରେ ଉପସ୍ଥିତି ସମ୍ପର୍କରେ ସୁଚନା ପାଇବା ପରେ ଖୋଜାଖୋଜି କରିବା ପରେ ଡୀଆରଜୀ ମାନପୁର,ବସେଲୀ ଆଇଟୀବୀପୀ ୪୪ତମ କର୍ପସ ଏବଂ ମଦନୱାଡା କ୍ୟାମ୍ପ ଆଇଟୀବୀପୀ ୨୭ତମ କର୍ପସ ଯବାନ ବାହାରିଥିଲେ । ଯେତେବେଳେ ସୁରକ୍ଷା ବାହିନୀ ଟିମ ଖୁର୍ସକଲା ଜଙ୍ଗଲ ଦେଇ ଯାଉଥିଲା ,ସେହି ସମୟରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ।

# 'ବିକଶିତ ଭାରତ ୨୦୪୭' ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

## ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେଉଛି ଭାରତ : ଭର୍ତୃହରି ମହତାବ

ଭୁବନେଶ୍ୱର : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ -୨୦୪୭' ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ସଚେନତତା କାର୍ଯ୍ୟକ୍ରମ ଶୁକ୍ରବାର କଟକ ବାଲିଯାତ୍ରା ପଡ଼ିଆରେ ଉଦଘାଟିତ ହୋଇଯାଇଛି । ଦୀର୍ଘ ଆଠ ଦିନବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସାଂସଦ ଶ୍ରୀ ଭର୍ତୃହରି ମହତାବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ । ଭାରତକୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଓ ବିଶ୍ୱର ପ୍ରମୁଖ ସମୃଦ୍ଧଶାଳୀ ରାଷ୍ଟ୍ର ଭାବରେ ଗଢ଼ି ତୋଳିବା ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରି ସେ କହିଥିଲେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଉଚ୍ଚ ଚିନ୍ତାଧାରା



ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଗଢ଼ି ତୋଳୁଛି । ତାଙ୍କ ନେତୃତ୍ୱରେ ଭାରତ ଅନେକ ସ୍ୱପ୍ନକୁ ଆଜି ବାସ୍ତବତାର ରୂପ ଦେଇପାରିଛି । ବିଶ୍ୱ ଦରବାରରେ ଭାରତକୁ ଏକ ନୂତନ ପରିଚୟ ମିଳିପାରିଛି ବୋଲି ଶ୍ରୀ ମହତାବ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଏବଂ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଯୋଗଦେଇ ଏହି ପ୍ରଦର୍ଶନୀର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅଧିକରୁ ଅଧିକ ଲୋକ ଏହାକୁ ବୁଲି ଦେଖିବା ସହ କେନ୍ଦ୍ର ସରକାରଙ୍କ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାଶ ଓ ପତ୍ର ସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଉପସ୍ଥିତ ଥିଲେ । କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱର କ୍ଷେତ୍ର ପ୍ରଦର୍ଶନୀ ଅଧିକାରୀ ଶ୍ରୀ ମହେନ୍ଦ୍ର ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଜ୍ୟରେ ରାସ୍ତା ନିର୍ମାଣ ସମ୍ପର୍କିତ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ସମୀକ୍ଷା କଲେ ପୂର୍ତମନ୍ତ୍ରୀ

ଭୁବନେଶ୍ୱର : ଗମନାଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କ୍ରମରେ ଆଜି ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ରାଜପଥ, ରାଜ୍ୟ ରାଜପଥକୁ ମିଶାଇ ପୂର୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଂଚାୟତିରାଜ ଏବଂ ବିଭିନ୍ନ ମହାନଗର ନିଗମ ଅଧୀନରେ ଅନେକଗୁଡ଼ିଏ ରାସ୍ତା ରହିଛି । ଅନେକ ସମୟରେ ସମନ୍ୱୟ ଅଭାବ ଯୋଗୁଁ ରାସ୍ତା ନିର୍ମାଣ ଓ ମରାମତି ନେଇ ସମସ୍ୟା ଉତ୍ପନ୍ନ ହେଉଛି । ତେଣୁ ଏହାର ନିରାକରଣ ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏକ ରାସ୍ତାନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି



ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ, ପୂର୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଏବଂ ପୂର୍ତ ବିଭାଗ ଇଆଇସି ଇନ୍ ଚିଫ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନୀତି ପ୍ରଣୟନ ନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ବିଭିନ୍ନ ରାସ୍ତାଗୁଡ଼ିକର ସ୍ଥିତି ନେଇ ଏକ ଡାଟାବେସ୍ ପ୍ରସ୍ତୁତ, ଆଗାମୀ ଦିନରେ ହେବାକୁ ଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ନେଇ ରୋଡ୍‌ମ୍ୟାପ୍, ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ମରାମତି, ସେତୁ ନିର୍ମାଣ, ଘରୋଇ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ଦୃଷ୍ଟିଦେଇ ନୀତି ପ୍ରଣୟନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ପ୍ଲାଷ୍ଟିକ୍ ଭଳି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ରାସ୍ତା ନିର୍ମାଣ, କମ୍ କଂଚାମାଲର ବ୍ୟବହାର କରି ରାସ୍ତା ନିର୍ମାଣ, ନିର୍ମାଣର ଗୁଣବତା ସହ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର କର୍ପସ୍ ପାଣ୍ଠି ଗଠନ ନେଇ ନୀତିରେ ସ୍ୱଷ୍ଟତା ନେଇ ବୈଠକରେ ଆଲୋଚନା ହୋଇଥିଲା । ଅନେକ ସମୟରେ ରାସ୍ତାରେ କେବୁଲ ବିଛାଇବା, ଡ୍ରେନ୍ ତଥା ସ୍ୱେରେଜ୍ ନିର୍ମାଣ ପାଇଁ ବିଭିନ୍ନ ସଂସ୍ଥା ସରକାରଙ୍କ ବିନା ଅନୁମତିରେ ରାସ୍ତାଗୁଡ଼ିକୁ ଖୋଳି ଦେଉଛନ୍ତି । ଏପରି ଘଟଣାର ନିରାକରଣ ପାଇଁ ଉକ୍ତ ସଂସ୍ଥା ବିରୋଧରେ ଜରିମାନା ଲାଗୁ କରିବା ପାଇଁ ନୀତିରେ ଉଲ୍ଲେଖ ରହିବ ।

# ଜାତୀୟ ପୁରୁଷ ହକିରେ ଇତିହାସ ରଚିଲା ଓଡ଼ିଶା



ଚେନ୍ନାଇ: ଏଠାରେ ଅନୁଷ୍ଠିତ ଜାତୀୟ ପୁରୁଷ ହକି ଚାମ୍ପିୟନଶିପରେ ଓଡିଶା ଇତିହାସ ରଚିଛି । ହକିର ଜାତୀୟ କ୍ୟାପିଟାଲ ସାଜିଥିଲେ ମଧ୍ୟ ଓଡିଶା ଆଜି ପର୍ଯ୍ୟନ୍ତ ଏହି ଟାଇଟଲ ହାସଲ କରିପାରି ନ ଥିଲା । ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ହରିୟାଣାକୁ ୫-୧ ଗୋଲରେ ପରାସ୍ତ କରି ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଛି । ସମ୍ପୂର୍ଣ୍ଣ ମ୍ୟାଚରେ ଓଡିଶା ଟିମ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲା । ତାମିଲନାଡୁ ଉପ ମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଓଡିଶା ଟିମକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଛନ୍ତି । ହକି ଇଣ୍ଡିଆ ସଭାପତି ଓ ଓଡିଶାର ମହାନ ଖେଳାଳି ଦିଲୀପ ତିର୍କୀ ଏହି ଐତିହାସିକକ୍ଷଣରେ ଉପସ୍ଥିତ ଥିଲେ । ଓଡିଶାର ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶା ଟିମକୁ ଅଭିନନ୍ଦନ ଜଣାଇଛନ୍ତି । ଏହା ପୂର୍ବରୁ ତୃତୀୟ ସ୍ଥାନ ହାସଲ ଓଡିଶାର ଶ୍ରେଷ୍ଠ ପ୍ରଦର୍ଶନ ଥିଲା । ୨ ବର୍ଷ ତଳେ ମହିଳା ଟିମ ଜାତୀୟ ଟାଇଟଲ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଥିଲେ ।

# ଆଇପିଏଲ ମେଗା ଅକ୍ସନରେ ୧୪ ବର୍ଷୀୟ ବୈଭବ

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ମେଗା ନିଲାମରେ ବିହାରର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସାମିଲ କରାଯାଇଛି । ୧୯ ବର୍ଷରୁ କମ ଏହି ଭାରତୀୟ କ୍ରିକେଟରଙ୍କ ବେସ ପ୍ରାଇସ ୩୦ ଲକ୍ଷ ରଖାଯାଇଛି ।



ନିକଟରେ ଆଇପିଏଲ ୧୫୭୪ ଖେଳାଳିଙ୍କ ମଧ୍ୟରୁ ନିଲାମ ପାଇଁ ୫୭୪ଜଣଙ୍କ ଶର୍ଟଲିଷ୍ଟ କରିଛି । ଏଥିରେ ୩୬୬ ଭାରତୀୟ ଓ ୨୦୮ ବିଦେଶୀ ଖେଳାଳିଙ୍କ ନାମ ରହିଛି । ବୈଭବ ଇତି ମଧ୍ୟରେ ରଣଜୀ ଟ୍ରଫି, ହେମନ୍ତ ଟ୍ରଫି, କୁଚବେହାର ଟ୍ରଫି ଓ ଭିନୁ ମଙ୍କଡ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରି ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ୧୯ ବର୍ଷୀୟ ଭାରତୀୟ ଟିମର ସଦସ୍ୟ ମଧ୍ୟ ରହିଛନ୍ତି । ଏ ପର୍ଯ୍ୟନ୍ତ ବୈଭବ ବିଭିନ୍ନ ଟୁର୍ଣ୍ଣାମେଂଟରେ ୪୯ ଶତକ ହାସଲ କରିଛନ୍ତି । ୫ ବର୍ଷ ବୟସରୁ ବୈଭବ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ । ଗତ ସିଜନରେ ସେ ବିହାର ପକ୍ଷରୁ ରଣଜୀ ଟ୍ରଫି ପଦାର୍ପଣ କରିଥିଲେ । ମାତ୍ର ୧୨ ବର୍ଷ ବୟସରେ ପ୍ରଥମଶ୍ରେଣୀ କ୍ରିକେଟ ଖେଳି ସେ ଚର୍ଚ୍ଚାକୁ ଆସିଥିଲେ । ସେହି ବର୍ଷ ୧୯ ବର୍ଷରୁ କମ ରଣଧୀର ବର୍ମା ଦିନିକିଆ କ୍ରିକେଟରେ ସେ ପ୍ରଥମ ଖେଳାଳି ଭାବେ ତ୍ରିଶତକ ହାସଲ କରିଥିଲେ । ୧୯ ବର୍ଷରୁ କମ ଟେଷ୍ଟରେ ସେ ପ୍ରଥମ ଭାରତୀୟ ଭାବେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଆକର୍ଷଣୀୟ ଶତକ ମଧ୍ୟ ହାସଲ କରିଥିଲେ । ମାତ୍ର ୫୮ ବଲରେ ୧୪ ଚୌକା ଓ ୪ ଛକା ସହାୟତାରେ ସେ ଶତକ ପୂର୍ଣ୍ଣ କରିଥିଲେ ।

# ଦକ୍ଷିଣ-ଆଫ୍ରିକାରେ ଟି-ଟ୍ୱେଂଟି ସିରିଜ କବଜା କଲା ଟିମ୍ ଇଣ୍ଡିଆ

ଜୋହାନ୍ସବର୍ଗ : ଦକ୍ଷିଣ-ଆଫ୍ରିକାରେ ଟି-୨୦ ସିରିଜ ଜିତିଲା ଭାରତ । ଘରୋଇ ଦକ୍ଷିଣ ଆଫ୍ରିକାକୁ ୪ଟିକିଆ ଟି-୨୦ ସିରିଜରେ ୧/୩ରେ ମାତ ଦେଇଛି ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ଇଣ୍ଡିଆ । ଜୋହାନ୍ସବର୍ଗରେ ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ସଞ୍ଜୁ ସାମସନଙ୍କ ୧୦୯ ଓ ତିଳକ ବର୍ମାଙ୍କ ବିସ୍ଫୋରକ ୧୨୦ ରନ୍ ବଳରେ ଭାରତୀୟ ଟିମ୍ ବିଶାଳ ୨୮୩ ରନ୍ ସ୍କୋର ଛିଡ଼ା କରିଥିଲା । ଅର୍ସଦୀପ ସିଂହ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଘାତକ ବୋଲିଂ ଯୋଗୁ ଦକ୍ଷିଣ ଆଫ୍ରିକା ଏକତରଫା ଭାବେ ପରାସ୍ତ ହୋଇଛି । ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ୍ ସଂଗ୍ରହ କରି ପାରିଥିଲା । ଫଳରେ ଭାରତ ଶେଷ ଟି-୨୦କୁ ୧୩୫ ରନ୍‌ରେ ଜିତି ସିରିଜକୁ କବଜା କରିଛି । ସଞ୍ଜୁ ସାମସନଙ୍କ ପ୍ରଥମ ଛକା ସହିତ ଟିମ୍ ଇଣ୍ଡିଆ ଇତିହାସ ସୃଷ୍ଟି କରିଛି । କ୍ରିକେଟ୍ ର ସବୁଠାରୁ ଛୋଟ ଫର୍ମାଟରେ ୧୫୦୦ ରୁ



ଅଧିକ ଛକା ମାରିବାରେ ଭାରତ ବିଶ୍ୱର ଦ୍ୱିତୀୟ ଦଳ ହୋଇପାରିଛି । ୱେଷ୍ଟଇଣ୍ଡିଜ୍ ନାମ ପ୍ରଥମ ସ୍ଥାନରେ ରହିଛି । ୱେଷ୍ଟଇଣ୍ଡିଜ୍ ଟି -୨୦ ଆନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୧୫୫୬ ଛକା ମାରିଛି । ଏହି ମୁକାବିଲାରେ ରୋହିତ ଶର୍ମାଙ୍କ ଏକ ବିଶେଷ ରେକର୍ଡକୁ ସାମସନ୍ ସମାନ କରିଛନ୍ତି । ଟି -୨୦ ଆନ୍ତର୍ଜାତୀୟ ମ୍ୟାଚରେ ସର୍ବାଧିକ ୮ କିମ୍ବା ଅଧିକ ଛକା ମାରିବାରେ ସେ ରୋହିତଙ୍କ ସହ ସମକକ୍ଷ ହୋଇଛନ୍ତି । ରୋହିତ ଏହି ସଫଳତା ତିନିଥର କରିଛନ୍ତି । ଜୋହାନ୍ସବର୍ଗରେ ସଞ୍ଜୁ ମଧ୍ୟ ଏହି ପ୍ରଦର୍ଶନ କରିଥିଲେ । ଏହି ତାଲିକାରେ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ସେ ୬ ଟି ଛକା ମାରିଛନ୍ତି । ଏଥିସହିତ ସାମସନ୍ କେ.ଏଲ୍ ରାହୁଲ ଏବଂ ଇଶାନ୍ କିଶାନଙ୍କ ରେକର୍ଡ ଭାଙ୍ଗିଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Chief Editor- **Dulal Mishra**, ମୁଖ୍ୟ ସମ୍ପାଦକ-ଦୁଲାଲ ମିଶ୍ର, Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**